## ରାଜସ୍ୱ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ସମ୍ବଲପୁର, ୧୦।୧୧(ସମିସ):** ପ୍ରୋଗ୍ରେସିଭ ସମ୍ବଲପୁର ଆବାହକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରି ଜିଲ୍ଲା ପ୍ରଶାସନ ଦ୍ୱାରା ଆଇନ ଉଲ୍ଲଂଘନ ଓ ବିଷ ପାଉଁଶ ବ୍ୟବସାୟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଛି। ୮୦ ଦଶକରୁ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ(ଏସଡିଏ) ପକ୍ଷରୁ ସମ୍ବଲପୁରର ଅନେକ ପରିବାରଙ୍କୁ ଦୂର୍ଗାପାଲି ଜମି ବିକ୍ରି କରାଯାଇଥିଲା। କିନ୍ତୁ ଗତ ଦୁଇ ମାସ ହେବ ସେମାନଙ୍କ ବିନା ଅନୁମତି, ସହମତିରେ ସେହି ପ୍ଲଟ୍‌ରେ ଗାତ ଖୋଳି ପାଉଁଶ ଡମ୍ପିଂ କରାଯାଉଛି। ଜମି ଅଧିକାରୀ ବିରୋଧ କରିବାରୁ ଏହା ସମତଳ କରିବା ପାଇଁ ଏସ ଏମସି ପାଉଁଶ ପକାଉଛି ବୋଲି ଉତ୍ତର ରଖାଯାଇଛି। ଯଦି ଜମି ସମତଳ କରିବାର ଥିଲା ମାଟି ପକାଯାଇ ଥାନ୍ତା। ଲୋକଙ୍କ ଅନୁମତି ନେବାର ଆବଶ୍ୟକ ଥିଲା। ପାଉଁଶ ବିଷର ବ୍ୟବସାୟରେ ନିଜେ ଯଦି ଜିଲ୍ଲା ପ୍ରଶାସନ ରହିବ ସାଧାରଣ ଜନତା ଯିବେ କାହା ପାଖକୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀଙ୍କୁ ପ୍ରଶ୍ନ କରିଥିଲେ। ସେହି ପରି ରେଢ଼ାଖୋଲ ଯୁଯୁମୁରା ବ୍ଲକର ବିଭିନ୍ନ ସ୍ଥାନରେ ପାଉଁଶ ପକାଯାଇ ପରିବେଶ ପ୍ରଦୂଷଣ ହେଉଛି। ଶିଳ୍ପ ସଂସ୍ଥାରେ ନିଯୁକ୍ତି ନାହିଁ କି ପାରିପାର୍ଶିକ ଉନ୍ନୟନ ପାଣ୍ଠିରେ ଅଞ୍ଚଳର ବିକାଶ ନାହିଁ କିନ୍ତୁ ଅଞ୍ଚଳଲୋକ ପ୍ରଦୂଷଣ ଓ ରୋଗର ଶିକାର ହେଉଛନ୍ତି। ସ୍ଥାନୀୟ ଜନସାଧାରଣ ଏହାର ପ୍ରତିବାଦ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ଶିଳ୍ପ ସଂସ୍ଥାର ସପକ୍ଷରେ ଅଛି ବୋଲି ସଞ୍ଜିତ ମହାନ୍ତି ଅଭିଯୋଗ କରିଛନ୍ତି। ଜନପ୍ରତିନିଧିମାନେ ଏ ଦିଗରେ ସ୍ୱର ନଉଠାଇବା, ପ୍ରତିବାଦ ନକରିବା ଓ ଅଞ୍ଚଳବାସୀଙ୍କ ସହ ଛିଡ଼ା ନହେବା ସେମାନଙ୍କ ପ୍ରତି ସନ୍ଦେହ ସୃଷ୍ଟି କରୁଛି ବୋଲି ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ପ୍ରକାଶ କରାଯାଇଛି। ପାଉଁଶ ବିଷ ବ୍ୟବସାୟ ବନ୍ଦ କରାଯାଇ, ଏହି ବ୍ୟବସାୟରେ ଜିଲ୍ଲା ପ୍ରଶାସନ ଅଂଶୀଦାର ନହେଉ ସେ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଛି। ପ୍ରତିନିଧି ଦଳରେ ଧୀରେନ୍ଦ୍ର ଦେବତା, ଜୟନ୍ତ ପଟ୍ଟନାୟକ, ପ୍ରତାପ ଶର୍ମା, ଆକାଶ ଦେବତା, ଫିରୋଜ ସାହୁ, ଅସ୍ଲେଶ ମୋହନ, ମନୋଜ ମେହେର, ସୌରଭ ସାହୁ, ଚନ୍ଦନ ବରିହା, କିରନ ପ୍ରଧାନ, ସମିର ଗର୍ଡ଼ିଆ, ପ୍ରଭାତ ସାହୁ, ଯୋଗେନ୍ଦ୍ର ପଟ୍ଟନାୟକ, ଲମ୍ବୋଦର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

### କମ୍ପାନୀ ପାଉଁଶ ପରିଚାଳନା ନେଇ ଉଚ୍ଚସ୍ତରୀୟ ବୈଠକ

# ଆସ୍ ନିର୍ଗତ ସ୍ଥାନରୁ ଡମ୍ପିଂୟାର୍ଡ ଯାଏଁ ଲାଗିବ ସିସିଟିଭି

ସମ୍ବଲପୁର, ୧୦।୧୧(ସମିସ)

ଶିଳ୍ପାନୁଷ୍ଠାନରୁ ନିର୍ଗତ ପାଉଁଶ ବିଭିନ୍ନ ସ୍ଥାନରେ ଡମ୍ପିଂ ହେଉଥିବା ହେତୁ ବିବାଦ ଦେଖାଯାଉଛି। ମୁଖ୍ୟତଃ କମ୍ପାନୀରୁ ଫ୍ଲାଏ ଆସ୍ ବାହାରିବା ପରେ ଟେଣ୍ଡର ପାଇଥିବା ଟ୍ରାନ୍ସପୋର୍ଟ ମନଇଛା ଡମ୍ପିଂ କରୁଛନ୍ତି। ଯେଉଁ ସ୍ଥାନରେ ଡମ୍ପିଂ କରିବାର ଥିବା ଅଧିକ ଲୋଭରେ ରାସ୍ତା କଡରେ ମଧ ପକାଇ ଦେଉଛନ୍ତି। ତେଣୁ ପାଉଁଶ ବାହାରୁଥିବା ସ୍ଥାନ ଠାରୁ ଡମ୍ପିୟାର୍ଡ ପର୍ଯ୍ୟନ୍ତ ସିସିଟିଭି ଲାଗିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୁଳ ଏବଂ ଝାରସୁଗୁଡା ଜିଲ୍ଲାରେ ଶିଳ୍ପାୟନ ଦ୍ୱାରା ନିଷ୍କାସିତ ପାଉଁଶ ପକାଇବାର ଉପଯୁକ୍ତ ପରିଚାଳନା ଲାଗି ରବିବାର ରାଜସ୍ୱ ବିଭାଗୀୟ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଶ୍ରୀ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ସମ୍ବଲପୁରରେ ପ୍ରାୟ ୯୪ ପ୍ରତିଶତ ତାପଜ ବିଦ୍ୟୁତ୍ ଉତ୍ପାଦନ କରି ରାଜ୍ୟକୁ ଯୋଗାଇଥାନ୍ତି। କିନ୍ତୁ ବିଦ୍ୟୁତ୍ ଉତ୍ପାଦନ ସହିତ ପାଉଁଶ ଓ ଅନ୍ୟ ସମସ୍ୟା ମଧ ଉପୁଜିଥାଏ। ଏହାର ଉପଯୁକ୍ତ ପରିଚାଳନା ଏବଂ ଜନସାଧାରଣଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବା ଏବଂ ସମାଧାନ ପ୍ରସ୍ତାବ ଉଦ୍ଦେଶ୍ୟରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ,



କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି, ସୁନ୍ଦରଗଡ଼ର ସାଂସଦ ଜୁଏଲ ଓରାମଙ୍କ ପ୍ରତିନିଧି, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ତାଳଚେରର ବିଧାୟକ ବ୍ରଜ କିଶୋର ପ୍ରଧାନ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ, ରାଜଗାଙ୍ଗପୁର ବିଧାୟକ ସିଏସ ରାଜନ ଇକ୍କା, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।

ବୈଠକରେ ଜନସାଧାରଣଙ୍କୁ ସ୍ୱଚ୍ଛ ଜଳ, ବାୟୁ ଓ ନିରାପଦ ପରିବେଶ ଯୋଗାଇଦେବା ପରିପ୍ରେକ୍ଷୀରେ ଶିଳ୍ପଗୁଡିକ ଦ୍ୱାରା ନିଷ୍କାସିତ ଫ୍ଲାଏ ଆସ୍ ଡମ୍ପିଂ, ଫ୍ଲାଏ ଆସ୍ ପରିବହନ, ଫ୍ଲାଏ ଆସ୍‌ର ଉପଯୁକ୍ତ ବ୍ୟବହାର, ପାଉଁଶ ପୋଖରୀରେ ପାଉଁଶର ନିଷ୍କାସନ ଆଦିର ପରିଚାଳନା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଭୂତଳ ଜଳର ଗୁଣବତ୍ତା ଯାଞ୍ଚ କରିବା ସହିତ ଭୂତଳ ଜଳ ଉପରେ ଆସ୍ ଡମ୍ପିଂର ପ୍ରଭାବ ସମ୍ପର୍କରେ ପରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ଏହି ସବୁ ଅଞ୍ଚଳରେ ଭୂତଳଜଳର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ଦାଖଲ ପାଇଁ ଦୁଇ ମାସ ସମୟ ଦିଆଯାଇଛି। ବେଆଇନ ଭାବେ ଆଶ୍ ଫିଙ୍ଗିବା ରୋକିବା ପାଇଁ ଜିଲ୍ଲା ପ୍ରଶାସନକୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ।ଆସ୍ ପରିବହନ ବେଳେ ରାସ୍ତାରେ ପଡ଼ିଯାଇଥାଏ, ଏହାର ମୁକାବିଲା ପାଇଁ ଡମ୍ପିଂ ସମୟ ନିର୍ଦ୍ଧାରଣ କରାଗଲେ ଅଧିକ ସ୍ପଷ୍ଟ ଭାବରେ କାର୍ଯ୍ୟକାରୀ କରାଯାଇପାରିବ। କୌଣସି ଅଘଟଣ କିମ୍ବା ବେଆଇନ ଡମ୍ପିଂ ଯେପରି ନ ହୁଏ ତାହା ସୁନିଶ୍ଚିତ କରିବା ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ଜିଲ୍ଲା ପରିବହନ ଅଧିକାରୀ, ସମ୍ପୃକ୍ତ ଜିଲ୍ଲା ଲୋକପ୍ରତିନିଧିଙ୍କ ମିଳିତ ଭାବରେ ଏକ ସମନ୍ୱୟ କମିଟି ଗଠନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଉତ୍ତରାଞ୍ଚଳ ଡିଭିଜନ ଆରଡିସି ସଚିନ ଆର୍ ଜାଦବ, ପୁଲିସ ଆଇଜ ହିମାଂଶୁ ଲାଲ, ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୁଳ ଏବଂ ଝାରସୁଗୁଡା ଜିଲ୍ଲାର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଅନାନ୍ୟ ସମ୍ପୃକ୍ତ ବିଭାଗୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

### ସାମ୍ବାଦିକଙ୍କ ପ୍ରଶ୍ନରେ ମନ୍ତ୍ରୀ ଘାଇଲା

**ସମ୍ବଲପୁର, ୧୦।୧୧(ସମିସ):** ଆର୍‌ଡିସି କାର୍ଯ୍ୟାଳୟରେ ରବିବାର ବସିଥିବା ଉଚ୍ଚସ୍ତରୀୟ ବୈଠକରେ ସାମ୍ବାଦିକଙ୍କ ପୂର୍ଣ୍ଣ ଉତ୍ତର ନଦେଇ ଉଠି ଚାଲିଗଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ପ୍ରଥମ ଦୁଇଟି ପ୍ରଶ୍ନ ମନ୍ତ୍ରୀଙ୍କୁ ସୁହାଇଲ ଭଳି ପ୍ରଶ୍ନ ସାମ୍ବାଦିକମାନେ ପଚାରିବା ପରେ ମନ୍ତ୍ରୀ ସୁରେଶ ପୂଜାରୀ ନମସ୍କାର କରି ଉଠି ପଳାଇଥିଲେ। ଏପରିକି ଦିନ ଗୋଟାଏରେ ମନ୍ତ୍ରୀ ମିଡିଆକୁ ପ୍ରତିକ୍ରିୟା ଦେବେ ବୋଲି ବିଜେପି ଗଣମାଧମ ହ୍ୱାଟସଆପ ଗ୍ରୁପରେ ମିଡିଆ ସଂଯୋଜକ ଅବଗତ କରାଇଥିଲେ। ମନ୍ତ୍ରୀଙ୍କ ପ୍ରକ୍ରିୟା ପାଇଁ ଗଣମାଧମ ପ୍ରତିନିଧିମାନେ ୧୦.୪୫ରେ ଭିଜୁଆଲ ନେବା ପରେ ପ୍ରାୟ ୪ ଘଣ୍ଟା ଅପେକ୍ଷା କରିଥିଲେ। ହେଲେ ମନ୍ତ୍ରୀ ନିଜେ ତଥ୍ୟ ରଖିବା ପରେ ମାତ୍ର ଗଣମାଧମରୁ ୩ଟି ପ୍ରଶ୍ନର ଉତ୍ତର ରଖି ହାତ ଯୋଡି ନମସ୍କାର କରି ପଳାଇଥିଲେ।

## ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଜୟନ୍ତୀ ପାଳିତ

**ସମ୍ବଲପୁର, ୧୦।୧୧(ସମିସ):** ଡା. ଜନାର୍ଦ୍ଦନ ପୂଜାରୀଙ୍କ ରଚନାବଳୀ ସାହିତ୍ୟିକ ଓ ଚିତ୍ରକରର ଯୌଥ ସର୍ଜନା ବୋଲି କହିଛନ୍ତି ଡ.କାମଦେବ ସାହୁ। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୟୁଟିଲିଟି ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଡା ଜନାର୍ଦ୍ଦନ ପୂଜାରୀ ଜୟନ୍ତୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ଡ. ସାହୁ କହିଥିଲେ ଡାକ୍ତର ପୂଜାରୀ ଜଣେ ନାଟ୍ୟକାର ଓ ଅଭିନେତା ତଥା ସମାଜସେବୀ ଥିଲେ। ତେଣୁ ତାଙ୍କ ସାହିତ୍ୟ ନୀତି, ଆଦର୍ଶ ଆଧାରିତ ଅଟେ। ମୁଖ୍ୟ ଅତିଥି ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର କହିଲେ, ଡ଼ା ପୂଜାରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ କରି ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରଶଂସନୀୟ କାର୍ଯ୍ୟ କରିଆସୁଛି। ଡାକ୍ତର ପୂଜାରୀ ପେଶାରେ ଜଣେ ଡାକ୍ତର ହୋଇଥିଲେ ମଧ ଋଷି ପ୍ରତିମ ଥିଲେ। ମାତ୍ର ବାର ବର୍ଷ ବୟସରୁ ସେ ତାଙ୍କ ସୃଜନ ଶକ୍ତିର ଅଭୂତପୂର୍ବ ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ଼. ଉମା ଚରଣ ପତି କହିଲେ ଯେ ମାନବ ସମ୍ବଳର ଯଥାର୍ଥ ବିକାଶ ଦ୍ୱାରା ହିଁ ପରିବାର, ସମାଜ ତଥା ରାଷ୍ଟ୍ରର ସଠିକ୍ ବିକାଶ ସମ୍ଭବପର ହେବ। ଡ଼ା ଜନାର୍ଦ୍ଦନ ପୂଜାରୀଙ୍କ ଜୀବନ ଯାତ୍ରା ଏ ଦିଗରେ ଆମପାଇଁ ଉପଯୁକ୍ତ ପଥ ପ୍ରଦର୍ଶକ। ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ.ଶ୍ରଦ୍ଧାକର ସୂପକାରଙ୍କ ଦ୍ୱାରା ରଚିତ ଅମର ଜୀବନ ପୁସ୍ତକର ଇଂରାଜୀ ଅନୁବାଦ 'ଇମ୍ମୋର୍ଟାଲ ଲାଇଫ'ର ଶୁଭ ଉନ୍ମୋଚନ କରାଯାଇଥିଲା। ପ୍ରିୟରଞ୍ଜନ ସାହୁ ଇଂରାଜୀ ଅନୁବାଦ କରିଛନ୍ତି। ଡାକ୍ତର ପୂଜାରୀଙ୍କ ସାହିତ୍ୟ ଉପରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଶୋଭନ ବେହେରା, ଜ୍ୟୋତିର୍ମୟୀ ପ୍ରଧାନ, ପଲ୍ଲବୀ ମହାନନ୍ଦ ଓ ସ୍ୱସ୍ତିକ ପ୍ରଧାନ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଦୀପକ କୁମାର ପଣ୍ଡା ସଭା ପରିଚାଳନା କରିଥିବା ବେଳେ ଲକ୍ଷ୍ମୀନାରାୟଣ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ଜମନକିରା ରେଞ୍ଜ ଅଫିସରେ ଜଗଦ୍ଧାତ୍ରୀ ପୂଜା



**ଜମନକିରା, ୧୦।୧୧(ସମିସ):** ଜମନକିରା ଫରେଷ୍ଟ ରେଞ୍ଜ ପକ୍ଷରୁ ଜଗଦ୍ଧାତ୍ରୀ ପୂଜା ଅନୁଷ୍ଠିତ ହୋଇଛି। ରେଞ୍ଜ କାର୍ଯ୍ୟାଳୟ ଆରମ୍ଭ ହେଲା ଦିନ ଠାରୁ ଅଁଳା ନବମୀ ତିଥିରେ ମାଁ ଜଗଦ୍ଧାତ୍ରୀଙ୍କ ପୂଜା ବନ ବିଭାଗ ପକ୍ଷରୁ ଆୟୋଜନ ହୋଇଆସୁଛି। ଚଳିତବର୍ଷ ମଧ ଜମନକିରା ଭୋଜପୁରସ୍ଥିତ ରେଞ୍ଜ କାର୍ଯ୍ୟାଳୟ ପରିସରରେ ପୂର୍ବ ବର୍ଷ ପରି ପୂଜା ଅନୁଷ୍ଠିତ ହୋଇଛି। ରବିବାର ସକାଳେ କଳସ ଯାତ୍ରା ରୀତିନୀତିରେ ଷୋଳ ଉପଚାର ପୂଜା, ଚଣ୍ଡୀପାଠ ସହିତ ପୂଜାର୍ଚ୍ଚନା ଶେଷ ହୋଇଛି। କର୍ତ୍ତା ଭାବେ ରେଞ୍ଜ ଅଫିସର ଲକ୍ଷ୍ମୀ ନାରାୟଣ ନାଏକ ଓ ତ୍ରିବେଣୀ ନାଏକ ସପତ୍ନୀକ ଦାୟିତ୍ୱ ନିର୍ବାହ କରିଥିବା ବେଳେମୁଖ୍ୟ ପୂଜକ ଭାବେ ନୀଳାଞ୍ଚଳ ପାଣିଗ୍ରାହୀ ଓ ସହକାରୀ ପୂଜକ ଭାବେ ଅନିଲ ପଣ୍ଡା କାର୍ଯ୍ୟନିର୍ବାହ କରିଥିଲେ। ବିଭାଗୀୟ କର୍ମଚାରୀ ତଥା ଅଞ୍ଚଳ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ପୂଜାରେ ଯୋଗଦେଇ ଆଶୀଷ ଲାଭ କରିଥିଲେ। ଫରେଷ୍ଟର ହେମନ୍ତ ମିଶ୍ର ଓ ଶିଶିର ସାମଲ ପୂଜା ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିବା ବେଳେ କର୍ମଚାରୀମାନେ ସହଯୋଗ କରିଥିଲେ। ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଛି।

## ବିଶ୍ୱବିଦ୍ୟାଳୟ କ୍ୟାମ୍ପସରୁ ଚୋରି

**ବୁର୍ଲା, ୧୦।୧୧(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ରହୁଥିବା ଜଣେ ପ୍ରଫେସରଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦିନ ଦ୍ୱିପ୍ରହରରେ ଚୋରି ହୋଇଥିବା ବେଳେ ବ୍ଲୁ ଭିଲ୍ଲା ଚୋରି ଘଟଣାରେ ମଧ ସମାନ ଅଭିଯୁକ୍ତ ଥିବା ପ୍ରଫେସର ଦାବି କରିଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଏସଟିକ୍ୟୁ-୪ କ୍ୱାଟରରେ ସେଣ୍ଟ୍ରାଲ ୟୁନିଭର୍ସିଟିର ଆସୋସିଏଟ ପ୍ରଫେସର ପ୍ରବୀର ସେଠୀ ରହନ୍ତି। ତେବେ ଆଜି ଦ୍ୱିପ୍ରହରରେ ଘେର ନଥିବା ସମୟରେ କିଛି ଦୁର୍ବୃତ୍ତ ପଶି ୩୨ ଭରି ସୁନା ଓ ୯ ହଜାର ଟଙ୍କା ଚୋରି କରିଛନ୍ତି। ତେବେ ଚୋରିର ସମସ୍ତ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ପୂର୍ବରୁ ଚୋରି ହୋଇଥିବା ବ୍ଲୁ ଭିଲ୍ଲା ଚୋରି ଘଟଣା ସହିତ ସମାନ ବୋଲି ଫ୍ରଫେସର ଦାବି କରିଛନ୍ତି। ଏନେଇ ବୁର୍ଲା ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି।

## ରାଜେନ୍ଦ୍ର ପଣ୍ଡାଙ୍କୁ ଉମାଦେବୀ ସ୍ମୃତି ସମ୍ମାନ

**ସମ୍ବଲପୁର, ୧୦।୧୧(ସମିସ):** କଟକର ପ୍ରମୁଖ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ 'ଆମ ସମ୍ବଳ'ର ପ୍ରତିଷ୍ଠା ଓ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଦିବସ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ସମ୍ବଲପୁରରୁ ଶିକ୍ଷାବିଦ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ଉମାଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସଭାପତି ଡ.ସୁକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ରାଧାନାଥ ଟେନିଂ କଲେଜ ପ୍ରେକ୍ଷାଳୟରେ ଅନୁଷ୍ଠିତ ସଭାରେ କଟକ ମେୟର ସୁବାସ ସିଂହ, କଲେଜର ଅଧକ୍ଷା ଡ. ନିବେଦିତା ଗୁରୁ, କର୍ପୋରେଟର ଗଗନ କୁମାର ଓଝା, ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ, ସହକାରୀ ଜିଲ୍ଲାପାଳ ଦେବେନ୍ଦ୍ର କୁମାର ଖଟୁଆ ପ୍ରମୁଖଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## 'ଆଜ୍ ତକ୍ ସାହିତ୍ୟ ଉତ୍ସବ'ରେ ଯୋଗଦେବେ କବି ଦୁର୍ଗାପ୍ରସାଦ ପଣ୍ଡା



**ସମ୍ବଲପୁର, ୧୦।୧୧(ସମିସ):** ଦେଶର ପ୍ରତିଷ୍ଠିତ ସମ୍ବାଦ ସରବରାହ ସଂସ୍ଥା ଇଣ୍ଡିଆ ଟୁଡେ ଗ୍ରୁପ୍ ଦ୍ୱାରା ପ୍ରାୟୋଜିତ ଆଜ୍ ତକ୍ ସାହିତ୍ୟ ଉତ୍ସବରେ ଯୋଗ ଦେବାପାଇଁ ସମ୍ବଲପୁର ସହରର ଜଣାଶୁଣା କବି ଦୁର୍ଗା ପ୍ରସାଦ ପଣ୍ଡା ନିମନ୍ତ୍ରିତ ହୋଇଛନ୍ତି। ଆସନ୍ତା ୨୨, ୨୩ ଓ ୨୪ତାରିଖ ତିନିଦିନ ବ୍ୟାପୀ ଦିଲ୍ଲୀରେ ହେବାକୁଥିବା ଏ ସାହିତ୍ୟ ଓ ସଂସ୍କୃତି ଉତ୍ସବରେ ଭାଗନେଇ ୨୪ ତାରିଖର କାର୍ଯ୍ୟକ୍ରମ ଭାଷା ସାହିତ୍ୟ'କାଲି ଆଜି ଓ ଆସନ୍ତାକାଲି 'ଶୀର୍ଷକରେ ହେବାକୁ ଥିବା ଏକ ସଙ୍ଗୋଷ୍ଠିରେ କବି ପଣ୍ଡା ନିଜର ମତ ଉପସ୍ଥାପନ କରିବେ। ତାଙ୍କ ସହିତ ବଙ୍ଗଳାରୁ ପ୍ରବାଳ କୁମାର ବସୁ, ଅହମୀୟାରୁ ମୈତ୍ରେୟୀ ପାତର ଓ ଗୁଜୁରାଟୀରୁ ମେହୁଲ ଦେବକଳା ନିଜ ନିଜ ମତ ବିନିମୟ କରିବେ। ତ୍ରିଦିବସୀୟ ଉତ୍ସବର ବିଭିନ୍ନ ଦିନ ମାନଙ୍କରେ ସାରା ଦେଶର ଆମନ୍ତ୍ରିତ ଅନେକ ପ୍ରତିଷ୍ଠିତ ଓ ମାନ୍ୟଗଣ୍ୟ କବି, ଲେଖକ, ଗାୟକ, ସିନେ କଳାକାର, ସାମ୍ବାଦିକ, ରାଜନେତା, କଳାକାର ଯୋଗ ଦେଇ ଉତ୍ସବର ବୌଦ୍ଧିକ ବାତାବରଣକୁ ଋଦ୍ଧିମନ୍ତ କରିବେ।

## ବାଲୁଙ୍କେଶ୍ୱର ମନ୍ଦିରରେ ଭାଗବତ ପାଠ

**ସମ୍ବଲପୁର, ୧୦।୧୧(ସମିସ):** ସମ୍ବଲପୁର ନନ୍ଦପଡ଼ାସ୍ଥିତ ବରାଡ ବାଲୁଙ୍କେଶ୍ୱର ମନ୍ଦିରରେ ପବିତ୍ର ଅଁଳା ନବମୀ ଉପଲକ୍ଷେ ବାମନ ଦ୍ୱାଦଶୀ ତିଥି ରବିବାର ଦିନ ସାମୂହିକ ଭାଗବତ ପାଠ ପାଳିତ ହୋଇଛି। ବିକାଶ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ୬୧ ଜଣ ବ୍ରାହ୍ମଣ ମାନଙ୍କ ଦ୍ୱାରା ଭାଗବତ ପାଠ କରାଯାଇଥିଲା। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ସମାରୋହ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିଥିଲଶ। ଅପରାହ୍ନରେ ବାବା ବାଲୁଙ୍କେଶ୍ୱରଙ୍କ ରୁଦ୍ରାଭିଷେକ, ହୋମ ଯଜ୍ଞ, ପୂଜାର୍ଚ୍ଚନା ପରେ ପୂର୍ଣ୍ଣାହୁତି ସହିତ ପ୍ରସାଦ ବଣ୍ଟନ କରାଯାଇଥିଲା। ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମେତ ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଦୁର୍ଗା ମାଧବ ମିଶ୍ର, ସଞ୍ଜୀବ ଗୁରୁ, ଶାନ୍ତନୁ ଶତପଥୀ, ବିପ୍ଳବ ମିଶ୍ର, ବିରାଜ ମିଶ୍ର, ବିଚିତ୍ରାନନ୍ଦ ମିଶ୍ର ପ୍ରମୁଖଙ୍କ ସମେତ ଅଞ୍ଚଳ ନିବାସୀ ସହଯୋଗ କରିଥିଲେ।

## ଏବିସିଡି ଟ୍ରଷ୍ଟରେ ମାଣ୍ଡିଆ ଦିବସ



**ସମ୍ବଲପୁର, ୧୦।୧୧(ସମିସ):** ଏବିସିଡି ଚାରିଟେବଲ ଟ୍ରଷ୍ଟରେ ରବିବାର ମାଣ୍ଡିଆ ଦିବସ ପାଳନ କରାଯାଇଛି। ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ଶତନାମୀ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଶିକ୍ଷକ ସୁନୀଲ ସାଗର ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ।ମୁଖ୍ୟବକ୍ତା ଭାବରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱଜିତ ମହାନ୍ତି ଉପସ୍ଥିତ ଥିଲେ। ଅନ୍ୟଅତିଥି ଭାବେ ସମୀର ମହାରଣା, ମାସୁଦ ଆଲାମ, ମୁକେଶ ମେହେର, ଏବଂ ପ୍ରାକ୍ଷିତ ମେହେର ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ ଉପସ୍ଥିତି ଥିଲେ।

### ■ ବାଦଲଙ୍କୁ ଭେଟିଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ

# ରେଡ୍‌କ୍ରସ ଓ ପରିଷଦରୁ ଆର୍ଥିକ ସହାୟତା



**ସମ୍ବଲପୁର, ୧୦।୧୧(ସମିସ):** ଗଣ୍ଡାସମାଜ କଲ୍ୟାଣ ପରିଷଦ ପକ୍ଷରୁ ପ୍ରତିନିଧି ଦଳ ବୁର୍ଲା ବିକାଶ ମେଡିକାଲକୁ ଯାଇ ସେଠାରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବାଦଲ ତାଣ୍ଡିଙ୍କୁ ସାକ୍ଷାତ କରିଛନ୍ତି। ପରିଷଦର ସଭାପତି ନିହାଲ ସିଂଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ରେଡ୍‌କ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଓ ପରିଷଦ ପକ୍ଷରୁ ୫ ହଜାର ମୋଟ ୩୦ ହଜାର ଟଙ୍କା ବାଦଲଙ୍କ ସ୍ତ୍ରୀ ବବି ତାଣ୍ଡିଙ୍କୁ ପ୍ରଦାନ କରିଥିଲେ। ସୂଚନା ଅନୁସାରେ ବାଦଲ ଗୁରୁତର ଅବସ୍ଥାରେ ବୁର୍ଲା ବିକାଶ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବା ଜାଣି ନିହାଲ ସିଂ ଜିଲ୍ଲା ରେଡ୍‌କ୍ରସକୁ ବାଦଲଙ୍କ ପାଇଁ ଆର୍ଥିକ ସାହାଯ୍ୟ କରିବାକୁ ଲିଖିତ ଅନୁରୋଧ କରିଥିଲେ। ତେଣେ ଜିଲ୍ଲାପାଳ ତଥା ଜିଲ୍ଲା ରେଡ୍‌କ୍ରସ ସୋସାଇଟିର ଅଧକ୍ଷ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ରେଡ୍‌କ୍ରସ ପାଣ୍ଠିରୁ ତୁରନ୍ତ ୨୫ ହଜାର ଟଙ୍କାର ସାହାଯ୍ୟ ମଞ୍ଜୁର କରିଥିଲେ। ପରିଷଦ ନିଜ ପକ୍ଷରୁ ଆଉ ୫ ହଜାର ମିଶାଇଥିଲେ। ପରିଷଦର ଉପସଭାପତି ଶିବଶଙ୍କର ପ୍ରଧାନ, ସାଧାରଣ ସମ୍ପାଦକ ଅମିନ ମହାନନ୍ଦ, ଯୁବନେତା ଆଶିଷ ନନ୍ଦ ମଧ ଗଣ୍ଡା ସମାଜ କଲ୍ୟାଣ ପରିଷଦ ପ୍ରତିନିଧି ଦଳରେ ସାମିଲ ଥିଲେ। ପ୍ରତିନିଧି ଦଳ ଆର୍ଥିକ ସାହାଯ୍ୟ ଦେବାସହ ବାଦଲଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ମଧ ଆଲୋଚନା କରିଥିଲେ। ରେଡ଼କ୍ରସ ପାଣ୍ଠିରୁ ତୁରନ୍ତ ଟଙ୍କା ମଞ୍ଜୁର ପାଇଁ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ମନ୍ଦିର ସଫା କଲା ଯାଦବ ସଂଘ



**ସମ୍ବଲପୁର, ୧୦।୧୧(ସମିସ):** ସମ୍ବଲପୁର ଯାଦବ ସଂଘ ପକ୍ଷରୁ ଚିପିଲିମା ସ୍ଥିତ ଘଣ୍ଟେଶ୍ୱରୀ ମନ୍ଦିରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ସଂଘ ପକ୍ଷରୁ ବର୍ତ୍ତମାନ ସଫେଇ ଅଭିଯାନ ହାତକୁ ନିଆଯାଇଛି।ଏହି ପରିପ୍ରେକ୍ଷୀରେ ସହର ତଥା ବିଭିନ୍ନ ସ୍ଥାନକୁ ସଫା କରୁଛନ୍ତି। ଏହିକ୍ରମରେ ଘଣ୍ଟେଶ୍ୱରୀ ମନ୍ଦିର ଚର୍ତୁଃପାର୍ଶ୍ୱକୁ ସଫା କରିଛନ୍ତି। ଏହା ସହ ମନ୍ଦିରର ପାହାଚକୁ ଧୋଇ ସଫା କରିଛନ୍ତି। ସଂଘର ସାଧାରଣ ସମ୍ପାଦକ ହେମନ୍ତ ଗହିର, ଗୁଣନିଧି ରାଉତ, ସହାଦେବ ଷଣ୍ଢ, ରାଜେଶ କଉଡ଼ି, ଗୋରେଖନାଥ ଚାଉଁର, ହରିହର ଷଣ୍ଢ, ଲୋକନାଥ ବଗର୍ତ୍ତୀ, ନବକିଶୋର ଜାଲ, କାନନ ନାଗ, ରାଜୁ ପୋଢ଼, ନିଖିଳ, ନାଗ, ଅଲେଖ ଘିବେଲା, ଜଗଦୀଶ ମଲ୍ଲିକ, କ୍ଷିତୀଶ ବାଗ, ଘନଶ୍ୟାମ ମହାକୁର, ନୀଳମଣୀ ରାଉତ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଗଣ ଅଂଶ ଗ୍ରହଣ କରିଥିଲେ।

### ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ

# ସେବା ଓ ତ୍ୟାଗର ପ୍ରତୀକ ଥିଲେ ଭାଗୀରଥି ପଟ୍ଟନାୟକ

ସମ୍ବଲପୁର, ୧୦।୧୧(ସମିସ)

ଓଡ଼ିଶା ସଂସ୍କୃତିକ ସମାଜ ପକ୍ଷରୁ ସରକାରୀ ମହାବିଦ୍ୟାଳୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାଗିରଥି ପଟ୍ଟନାୟକଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନେତାଜୀ ସୁଭାଷଚନ୍ଦ୍ର ବୋଷ ମହାବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡ.ରଘୁମଣି ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ।ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ସଂଗ୍ରାମୀଙ୍କ ଦାୟାଦ ମଞ୍ଚାସୀନ ଥିଲେ। ଭାଗିରଥି ପଟ୍ଟନାୟକ ଦେଶକୁ ସ୍ୱାଧୀନ କରିବା ପାଇଁ ଅନେକ କଷ୍ଟ ସ୍ୱୀକାର କରିଥିଲେ। ସର୍ବସ୍ୱ ତ୍ୟାଗ କରି ଦେଶ ମାତୃକାର ମୁକ୍ତି ପାଇଁ ଜୀବନକୁ ଜଳାଞ୍ଜଳି ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ ବୋଲି ଶ୍ରୀ ନାୟକ କହିଥିଲେ। ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ଯୋଗେଶ ଭୋଇ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ମହାପାତ୍ରଙ୍କ ସମେତ ରାଜେନ୍ଦ୍ର କୁମାର ପଣ୍ଡା, ରାମାନୁଜ ପଣ୍ଡା, ଭାଗିରଥି ପଟ୍ଟନାୟକଙ୍କ ପଣନାତୁଣି ପ୍ରାଚୀ ପଟ୍ଟନାୟକ ପ୍ରମୁଖ ସଂଗ୍ରାମୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜାତୀୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଅଂଶୁମାନ ମେର୍ଲି, ଆଁଚଲ ବାଗ, ପ୍ରଭୁପାଦ ପଣ୍ଡାଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅଖିଳ ରଞ୍ଜନ ପଟ୍ଟନାୟକ, ଦେବେନ୍ଦ୍ର ପଟେଲ ମାନ ପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମରେ ସାଂସ୍କୃତିକ ସମାଜର ସଦସ୍ୟ, ମହାବିଦ୍ୟାଳୟର ଆଧାପକ, ଅଧାପିକା, ଛାତ୍ରୀବୃନ୍ଦ ଉପସ୍ଥିତ ଥିଲେ।ଶେଷରେ ହୃଷୀକେଶ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଗିରିଶ ଚନ୍ଦ୍ର ମଲ୍ଲିକ
ଆବିର୍ଭାବ: ୦୫/୦୫/୧୯୬୨
ତିରୋଭାବ: ୦୧/୧୧/୨୦୨୪
ପିତା: ନୀଳମଣି ମଲ୍ଲିକ

ଆପଣଙ୍କ ସ୍ନେହ, ଶ୍ରଦ୍ଧାକୁ ଆମ୍ଭେମାନେ ସଦାସର୍ବଦା ମନେ ରଖିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା କରୁଛୁ।

ହତଭାଗ୍ୟ ପୁତ୍ର
ସୌଭାଗ୍ୟ ରଞ୍ଜନ ମଲ୍ଲିକ
ହସନାବାଦ, ଗୋପବନ୍ଧୁନଗର
ଥାନା: ଧୂସୁରୀ, ଜିଲ୍ଲା: ଭଦ୍ରକ

# ରୁଗୁଡ଼ିବନ୍ଧ ପୋଖରୀ ପାଣି ପ୍ରଦୂଷିତ

## ଜିଲ୍ଲା ପ୍ରଶାସନ ପକ୍ଷରୁ ଜଳ ପରୀକ୍ଷଣ ପାଇଁ ଦାବି



**ବରଗଡ଼, ୧୦।୧୧(ସମିସ)**

ବରଗଡ଼ ବ୍ଲକ ଡୁମଗାଁ ପଞ୍ଚାୟତ ଅଧୀନ ଲାଉନାସରା ଗ୍ରାମରେ ପ୍ରାୟ ତିନି ଚାରି ହଜାର ଲୋକ ବସବାସ କରିଥାନ୍ତି। ସେମାନେ ସମସ୍ତେ ପ୍ରାୟ କୃଷି ଉପରେ ନିର୍ଭର କରି ଜୀବନଯାପନ କରିଥାନ୍ତି। ଗାଁ ପାଖରେ ଥିବା ରୁଗୁଡ଼ି ବନ୍ଧ ନାମକ ପୋଖରୀରେ ପ୍ରାୟ ସମସ୍ତେ ସ୍ନାନାଦି ଆଦି କାର୍ଯ୍ୟ କରିଥାନ୍ତି। ଉକ୍ତ ପୋଖରୀର ପାଣି ଏବେ ପ୍ରଦୂଷିତ ହୋଇ ଲାଲ ଦେଖାଯାଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ପୋଖରୀର ଜଳକୁ ପରୀକ୍ଷଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ପୋଖରୀ ପାଣିରେ ଗାଧୋଇବା ଦ୍ୱାରା ଜଳଜନିତ ରୋଗରେ ଲୋକେ ଶିକାର ହେଉଥିବା ମଧ୍ୟ ଅଭିଯୋଗ ହେଉଛି। ମୁଖ୍ୟ ଚିକିତ୍ସାଳୟ ଠାରୁ ବହୁ ଦୂରରେ ଏହି ଗ୍ରାମ ଥିବାରୁ ଏପରିକି ବରଗଡ଼ ବରପାଲି ବ୍ଲକର ମଝିରେ ଥିବାରୁ ପ୍ରଶାସନ ଉକ୍ତ ଗ୍ରାମ ପ୍ରତି ବିଶେଷ ଦୃଷ୍ଟି ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଏହି ପ୍ରଦୂଷିତ ପାଣି ପ୍ରତି ଧ୍ୟାନ ନ ଦେଲେ ବହୁଲୋକ ବିଭିନ୍ନ ରୋଗର ସମ୍ମୁଖୀନ ହେବେ ବୋଲି ଆଶଙ୍କା ରହିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉକ୍ତ ପୋଖରୀର ଜଳ ପରୀକ୍ଷଣ ପାଇଁ ଦାବି ହୋଇଛି।

## ବଂଶୀଧର ପ୍ରଧାନଙ୍କ ସ୍ମୃତିରେ ରକ୍ତଦାନ ଶିବିର



**ଥୁଆପାଲି, ୧୦।୧୧(ସମିସ):** ବରଗଡ଼ ଜିଲ୍ଲା ରେମଣ୍ଡା ପଞ୍ଚାୟତର ସୁନ୍ଦରୀଟିକରାରେ ସ୍ୱର୍ଗତ ବଂଶୀଧର ପ୍ରଧାନଙ୍କ ସ୍ମୃତିରେ ଅଗ୍ରଗାମୀ ଯୁବକସଂଘ ଓ ଓଡ଼ିଶା ମୋ ପରିବାର ମିଳିତ ଆନୁକୂଲ୍ୟରେ ବରଗଡ଼ର ଭ୍ରାମ୍ୟମାଣ ଯାନ ଦ୍ୱାରା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରରେ ସ୍ୱର୍ଗତ ବଂଶୀଧର ପ୍ରଧାନଙ୍କ ପ୍ରତିଛବି ନିକଟରେ ମୁଖ୍ୟଅତିଥି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଭେଡେନ ବ୍ଲକ ବିଜୁଜନତା ଦଳର ସଭାପତି ହରିଶଙ୍କର ବେହେରା, ମୋହନ ଦୋରା ବରଗଡ଼ ରକ୍ତଭଣ୍ଡାର ଅଧିକାରୀ ଅମରଜିତ ମହାନ୍ତି, ସ୍ୱର୍ଗତ ପ୍ରଧାନଙ୍କ ଧର୍ମପତ୍ନୀ ହରିପ୍ରିୟା ପ୍ରଧାନ ଓ ତାଙ୍କର କୁନି ଝିଅ ଉପସ୍ଥିତ ଥିଲେ। ଏହି ସମୟରେ ସ୍ୱର୍ଗତ ବଂଶୀଧର ପ୍ରଧାନଙ୍କ ଅମର ଆତ୍ମାର ଶାନ୍ତି ନିମନ୍ତେ ନୀରବ ପ୍ରାର୍ଥନା ସହିତ ସ୍ମୃତିଚାରଣ କରାଯାଇଥିଲା। ଜିଲ୍ଲା ମୋ ପରିବାରର ମୁଖ୍ୟ ଶ୍ରୀମାନ ଗୌରହରି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବରଗଡ଼ ରକ୍ତଭଣ୍ଡାରର ଅଧିକାରୀ ଅମରଜିତ ମହାନ୍ତି, ରୋହିତ କଲେତ, କୃଷ୍ଣଚନ୍ଦ୍ର ସାହୁ, ରାଜେଶ ରଣା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ୪ ଜଣ ମହିଳା ସମେତ ୨୩ ଜଣ ପୁରୁଷ ମୋଟ ୨୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୁନ୍ଦରୀଟିକରା ଅଗ୍ରଗାମୀ ଯୁବକସଂଘର ସୁମିତ ଖମାରୀ, ରଞ୍ଜନ ଭୋଇ, ମଣ୍ଟୁ ଖମାରୀ, ଶୁଭମ ସାହୁ, ସୁମନ ଖମାରୀ, ମୁନ୍ନା ଭୋଇ, କୁନା ଭୋଇ, ପିଣ୍ଟୁ ଖମାରି, ବେଣୁଧର ପ୍ରଧାନ ଓ କ୍ଲବର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବରପାଲି, ୧୦।୧୧(ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ମହାବିଦ୍ୟାଳୟ ଅଧକ୍ଷା ଜୟନ୍ତୀ ଦାଶ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏନ୍‌ଏସି ଚେୟାରମ୍ୟାନ ଦିନେଶ ଗହୀର, ବ୍ଲକ ଚେୟାରମ୍ୟାନ ରୀନା ଥାଇତ୍ ଏବଂ ଟିକାୟତ ମହନ୍ତମ୍ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ମହାବିଦ୍ୟାଳୟ କାଉନସିଲର ଅଲେଖ ମହାନନ୍ଦ। ଏହି ଅବସରରେ ବିଶିଷ୍ଟ ସମାଜସେବୀ ଦେବାନନ୍ଦ ଖଟୁଆଙ୍କ ସେବାକାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ମାନ ପ୍ରଦାନ କରାଯାଇଥିଲା। ସଭା ପୂର୍ବରୁ ଅଗ୍ନିଶମ ବିଭାଗ, ବରପାଲି ଦ୍ୱାରା ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଥିଲା ଏବଂ ଶେଷରେ ରେଡକ୍ରସ ପତାକା ଅବତରଣ କରି ଶିବିରର ପରିସମାପ୍ତି ଘୋଷଣା କରାଯାଇଥିଲା।

## ତ୍ରିଦିବସୀୟ ଓଶୋ ଧ୍ୟାନ ଶିବିର ସମ୍ପନ୍ନ

**ବରଗଡ଼, ୧୦।୧୧(ସମିସ):** ଭଟଲିରୋଡସ୍ଥିତ ତପୋବନରେ ବିଶ୍ୱ ପ୍ରସିଦ୍ଧ ଦାର୍ଶନିକ ତଥା ଆଧ୍ୟାତ୍ମିକ ଗୁରୁ ଓଶୋଙ୍କର ତ୍ରିଦିବସୀୟ ଧ୍ୟାନ ଶିବିର ଅନେକ ସାଧକ, ସାଧିକାଙ୍କ ଗହଣରେ ସଫଳ ରୂପେ ପରିସମାପ୍ତି ହୋଇଯାଇଛି। ଶିବିରରେ ଜିଲ୍ଲାର ଓଶୋ ପ୍ରେମୀ, ଝାରସୁଗୁଡ଼ା ପିରାମିଡ୍ ଆଶ୍ରମର ମୁଖ୍ୟ ସ୍ୱାମୀ ଧ୍ୟାନ ଆଧାର, ସମ୍ବଲପୁର ଜାଗୃତି ଆଶ୍ରମର ମୁଖ୍ୟ ସ୍ୱାମୀ ଧ୍ୟାନ ଆଶିଷ ଓ ରାଉରକେଲା ଈଶ୍ୱର ସେବା ଆଶ୍ରମର ସମସ୍ତ ସାଧକ ମାନେ ଯୋଗଦେଇଥିଲେ। ଛତିଶଗଡ଼, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶରୁ ଶତାଧିକ ସାଧକସାଧିକା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିବିରର ସଞ୍ଚାଳନ ସ୍ୱାମୀ ଅଶୋକ ଭାରତୀ କରିଥିଲେ। ଶିବିରରେ ସ୍ୱର ବିଜ୍ଞାନ ଯୋଗର ଶିକ୍ଷା ସ୍ୱାମୀ ତେଜୋମୟାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଆଧ୍ୟାତ୍ମିକତା ବିହୀନ ମାନବ ଜୀବନରେ ସମସ୍ୟାର ବହୁଳତା ଓ ମାନବ ଜୀବନର ଆଧ୍ୟାତ୍ମିକତା କାହିଁକି ଏହି ସନ୍ଦର୍ଭରେ ସ୍ୱାମୀ ଅଶୋକ ଭାରତୀ ତାଙ୍କର ବକ୍ତବ୍ୟରେ ସ୍ପଷ୍ଟୀକରଣ କରିଥିଲେ। ଶିବିରର କର୍ଣ୍ଣଧାର ତିର୍ଥବାସୀ ଦେବତା ଉପସ୍ଥାପନା କରିଥିଲେ। ଗୌରାଙ୍ଗ ନାୟକ, ପ୍ରିତମ ସିଂ, ଚନ୍ଦ୍ରଶେଖର ରାଓ, ସ୍ୱାମୀ ନିତ୍ୟବୋଧାନନ୍ଦ ଓ ନିରଞ୍ଜନ ଶିବିରରେ ସହଯୋଗ କରିଥିଲେ।

## ସଦ୍ ଗୁରୁଦେବଙ୍କ ଜୟନ୍ତି ପାଳିତ

**ଅତାବିରା, ୧୦।୧୧(ସମିସ):** ଅତାବିରା ବ୍ଲକ ଝିଲିମିଣ୍ଡାରେ ଆଲା ଚେତନା ମହାସଙ୍ଘର ପ୍ରତିଷ୍ଠାତା ସଦ୍ ଗୁରୁଦେବ ସୁବାସ ଚନ୍ଦ୍ର ବାବା ମହାରାଜଙ୍କ ୭୬ତମ ଜନ୍ମଦିବସ ରବିବାର ପାଳିତ ହୋଇଛି। ଉକ୍ତ ଜନ୍ମ ଉତ୍ସବରେ ଭକ୍ତମାନଙ୍କ ଦ୍ୱାରା ସଦଗୁରୁ ପୂଜନ, ଭଜନକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁଙ୍କ ଫଟୋଚିତ୍ରକୁ ପୂଜା ପରେ ଅତିଥିମାନଙ୍କ ପାଦଧୋତ କରାଯାଇଥିଲା। ଆତ୍ମା ଚେତନା ମହାସଂଘ ସଭାପତି ଅଚ୍ୟୁତା ନନ୍ଦ ହୋତାଙ୍କ ପରିଚାଳନାରେ ଅନୁଷ୍ଠିତ ସତସଙ୍ଗ କାର୍ଯ୍ୟକ୍ରମରେ ରମେଶ ମହାପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଓ ଉଦ୍ଦେଶ୍ୟ ଜ୍ଞାପନ କରଥିଲେ। ପରେ ଦେବରାଜ ପାଣିଗ୍ରାହୀ, ଗୌରୀହରୀ ପାତ୍ର, ଶୁକଦେବ ସାହୁ, କମଳାକାନ୍ତ ସା ଜ୍ଞାନ ଗର୍ଭକ ଭାବପୂର୍ଣ୍ଣ ସଂସ୍କାର ଧର୍ମୀ ପ୍ରବୋଚନ ଦେଇଥିଲେ। ସଂଘର ଭାଇଭଉଣୀଙ୍କ ଦ୍ୱାରା ଜଗତ କଲ୍ୟାଣ ପାଇଁ ପାର୍ଥନା ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଗୁରୁଙ୍କ ନିର୍ମାଣାଧୀନ ଭଟଲି ବ୍ଲକର ତାଳପାଲିରେ ଥିବା ସମାଧି ପୀଠ ନିର୍ମାଣ ପାଇଁ ସଂକଳ୍ପ ପାରିତ କରାଗଲା। ସଭାପତିଙ୍କ ଦ୍ୱାରା ସଭା ସଙ୍ଗ କରି ସମସ୍ତେ ପ୍ରସାଦସେବନ

## କୁଳିତା ସମାଜର ବାର୍ଷିକ ସମାବେଶ

**ସୋହେଲା, ୧୦।୧୧(ସମିସ):** ସୋହେଲା ବ୍ଲକ କୁଳିତା ସମାଜର ବାର୍ଷିକ ସମାବେଶ ସ୍ଥାନୀୟ ମହିମା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୁଳିତା ସମାଜର ସଭାପତି ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶ ପ୍ରାରମ୍ଭରେ ଇଷ୍ଟଦେବୀ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ଏବଂ ଦେବୀ ବନ୍ଦନା କରାଯାଇଥିଲା। ସମ୍ପାଦକ ଟେକଚାନ୍ଦ ଦୁଆନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଏଏସ ପାଇଥିବା ସମୀର ଭୋଇ, ଆଇଆଇଟି ପରୀକ୍ଷାରେ ସଫଳ ହୋଇଥିବା ରଚିତ ପ୍ରଧାନ, ଅଭିଜ୍ଞାନ ସାହୁ ଏବଂ ବିଶ୍ୱବିଦ୍ୟାଳୟ ପଦାର୍ଥ ବିଜ୍ଞାନରେ ପ୍ରଥମ ହୋଇଥିବା ଚିନ୍ମୟ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସମାଜସେବୀ ଘନଶ୍ୟାମ ଭୋଇ, ସଫଳ ଚାଷୀ ଚନ୍ଦ୍ରଶେଖର ବାରିକ, ଲାଲବିହାରୀ ବାରିକ, ରଘୁନାଥ ପ୍ରଧାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୁଳିତା ସମାଜର ସୁଦୃଢ଼ ସଂଗଠନ ଏବଂ ସଂସ୍କାର ସମ୍ପର୍କିତ ଆଲୋଚନାରେ ଯୁଧିଷ୍ଠିର ନାୟକ ଗଣତନ୍ତ୍ର ପଧାନ, ରାଜକୁମାର ଭୋଇ, ନିରଞ୍ଜନ ନାୟକ, ବ୍ଲକ ଅଧ୍ୟକ୍ଷା ବବି ପଧାନ, ସନ୍ତୋଷିନୀ ପଧାନ, ଲାଲବିହାରୀ ସାହୁ, ଶେଷଦେବ ପଧାନ ଓ ଅନ୍ୟମାନେ ନିଜନିଜ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ଅଗସ୍ତି ଭୋଇ ପରିଚାଳନା କରିଥିବା ବେଳେ ଗଣତନ୍ତ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଦୈତାରୀ ଭୋଇ, ବାବୁଲୁ ପଧାନ, ରଥ ଗଡ଼ତିଆ, କାନ୍ତ ଗଡ଼ତିଆ, ବିଜୟ ଖମାରୀ ଦିଲୀପ ସାହୁ, ରାଜୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଦିବ୍ୟ ପ୍ରତିଷ୍ଠା ମହୋତ୍ସବ କମିଟିର ବୈଠକ

**ବରଗଡ଼, ୧୦।୧୧(ସମିସ):** ଶାନ୍ତି ତପୋବନ ଆଶ୍ରମ, ମାତୃଛାୟା, ବାନପ୍ରସ୍ଥ ତଥା ନର ନାରାୟଣ ସେବା ମନ୍ଦିରର ଦିବ୍ୟ ପ୍ରତିଷ୍ଠା ମହୋତ୍ସବ ସମିତିର ବୈଠକ ଶାନ୍ତି ତପୋବନ ଆଶ୍ରମର ସୁରମ୍ୟ ପରିବେଶ ମଧ୍ୟରେ ପାଣ୍ଡବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତିଷ୍ଠା ମହୋତ୍ସବକୁ ଦିବ୍ୟ ଓ ଭବ୍ୟ କରିବା ପାଇଁ ଆଲୋଚନା ହୋଇ ଉପ ସମିତିମାନ ଗଠନ କରାଯାଇ ଥିଲା। ଅଭ୍ୟର୍ଥନା ସମିତି ପାଇଁ ଗିରିଜାଶଙ୍କର ଆଚାର୍ଯ୍ୟ, ସରଦାର ପ୍ରିତମ ସିଂ, ପ୍ରକାଶ ଭୋଇ, ନୁରାବତୀ ସାହୁ, ପ୍ରମୋଦିନୀ ସାହୁ, ନରେନ୍ଦ୍ର ହୋତା, ତ୍ରିନାଥ ପତି ମନୋନୀତ ହୋଇଛନ୍ତି। ଆବାହକ ଭାବେ ଗିରିଜା ଶଙ୍କର ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଥିଲା। ଅର୍ଥ ସମ୍ପତି ପାଇଁ ପାଣ୍ଡବ କର୍ଣ୍ଣ, ଭକ୍ତଚରଣ ପଧାନ, ଦେବଦତ୍ତ ତ୍ରିପାଠୀ, ସୁରେନ୍ଦ୍ର ମେହେର, ଦିବାକର ମାଝୀ, ପ୍ରକାଶ ଭୋଇ, ରାଜକିଶୋର ଭୋଇ, ତେଜରାଜ ହୋତା, ଆବାହକ ଭାବେ ସରଦାର ପ୍ରୀତମ ସିଂ ଓ କୋଷାଧ୍ୟକ୍ଷ ଭାବେ ସୁନୀଲ ବାରିକ ରହିଛନ୍ତି। ପ୍ରଚାରପ୍ରସାର ସମିତିରେ



ସାମ୍ବାଦିକ ଅସିତ ସ୍ୱାଇଁ, ହର୍ଷ ବେହେରା ଓ ଅନୁପମା ପଟ୍ଟନାୟକ, ବଳିଷ୍ଠ ପ୍ରଧାନ, କୈଳାସ ବିଶ୍ୱାଳ, ରମାକାନ୍ତ ବିଶ୍ୱାଳ। ଖାଦ୍ୟ ଓ ଜଳଯୋଗ ସମିତି ପାଇଁ ଲବଙ୍ଗ ସାହୁ, ସରୋଜ ପଧାନ, ପ୍ରଶାନ୍ତ ସାହୁ, ଭିଷ୍ମ ଦେବ ପଣ୍ଡା, ଦୁର୍ଗାବାରିକ ରହିଛନ୍ତି। ମଞ୍ଚ ପ୍ରସ୍ତୁତି ସମିତିରେ ସୁରେନ୍ଦ୍ର ମେହେର, ରଞ୍ଜିତ ସାହୁ ରହିଥିବାବେଳେ ଶାନ୍ତିଶୃଙ୍ଖଳା ସମିତିରେ ଲୋକେଶ ସାହୁ, ପାଣ୍ଡବ ବେହେରା, ସୁବାସ ସାହୁ, ଅଶୋକ ହୋତା ରହିଛନ୍ତି। ସସ୍କୃତିକ ସମିତି ପାଇଁ ମଞ୍ଜୁଲତା ଶତପଥୀ, ଦଶରଥ ପଧାନ, ଦିବାକର ମାଝୀ, କଳ୍ପନା ପାଢ଼ୀ, ଅନୁପମା ପଟ୍ଟନାୟକ ରହିଥିବାବେଳେ ସ୍ୱାସ୍ଥ୍ୟ ସମିତି ପାଇଁ ଶ୍ରୀଗିଡା ଗାଁର ଆଶା ଓ ଅଙ୍ଗନବାଡ଼ି କର୍ମୀ ଏବଂ ସୂଚନା କେନ୍ଦ୍ର ପାଇଁ ଯତୀନ୍ଦ୍ର ସାହୁ, ସୁନୀଲ ବାରିକ ମନୋନୀତ ହୋଇଛନ୍ତି। ଶେଷରେ ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧ ବାର୍ଷିକୀ ପାଇଁ ବୈଠକ

**ବରଗଡ଼, ୧୦।୧୧(ସମିସ):** ସ୍ଥାନୀୟ ଏଇ ମିଶନ ସ୍କୁଲ ସମ୍ମିଳନୀ କକ୍ଷରେ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ୨୪ ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡ.ତପସ୍ୱିନୀ ଗୁରୁଙ୍କ ସଭାପତିତ୍ୱରେ ଏବଂ ସର୍ଦ୍ଦାର ପ୍ରୀତମ ସିଂଙ୍କ ସଂଯୋଜନାରେ ଆସନ୍ତା ୨୦ ତାରିଖରେ ଏଇ ମିଶନ ସ୍କୁଲରେ ଗୁରୁ ଭଗବାନ ସାହୁଙ୍କ ଶ୍ରାଦ୍ଧ ଦିବସ ପାଳନ ନେଇ ଆଲୋଚନା କରିଥିଲେ। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସର୍ବଶ୍ରୀ ଦଧିବାମନ ଶତପଥୀ, ଯୁଗଳ ପ୍ରସାଦ ସିଂ, କୃଷ୍ଣଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ଦାଶ, ଡ.ରବି ନାରାୟଣ ସାହୁ, ନୁରାବତୀ ସାହୁ, ଶିବାନନ୍ଦ ମଟାରୀ, ଅଚ୍ୟୁତାନନ୍ଦ ବାରିକ, ସଂଘମିତ୍ରା ପଟେଲ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ସାମ୍ବାଦିକ ତୁଳସୀ ଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ସମ୍ମିଳନୀ



**ଝାରବନ୍ଧ, ୧୦।୧୧(ସମିସ):** ଝାରବନ୍ଧ ନିକଟସ୍ଥ ଡ୍ୟାମ ଠାରେ ବ୍ଲକସ୍ତରୀୟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘରେ ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବରେ ଯୋଗଦେଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ପ୍ରଥମ କରି ହୋଇଥିବା ସମ୍ମିଳନୀରେ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଟିକେଶ୍ୱର ପଟେଲ ସଭାପତି, କିଶୋର ଦୀପ ଉପ ସଭାପତି, ଦୟାନିଧି ସାହୁ ସାଧାରଣ ସମ୍ପାଦକ, ପ୍ରକାଶ ବାଗ ଯୁଗ୍ମ ସମ୍ପାଦକ, ଅର୍ଜ୍ଜୁନ ସାହୁ ଓ ପଦ୍ମଲୋଚନ ମାଝୀ କୋଷାଧ୍ୟକ୍ଷ ଭାବରେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଦିବ୍ୟକିଶୋର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଅଶ୍ୱିନୀ ମିଶ୍ର, ମକରଧ୍ୱଜ ପଟେଲ, ଅନୁପମା ପ୍ରଧାନ ଉପଦେଷ୍ଟା ଭାବରେ ରହିଛନ୍ତି। ସମ୍ମିଳନୀକୁ ଟିକେଶ୍ୱର ପଟେଲ ସଞ୍ଚାଳନ କରିଥିବା ବେଳେ ଚିନ୍ତାମଣି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ପାଇଁ ଦାବି

**ପଦ୍ମପୁର, ୧୦।୧୧(ସମିସ)**

ଗନ୍ଧମାର୍ଦ୍ଦନ ପର୍ବତ ସୁରକ୍ଷା ସୁନିଶ୍ଚିତ କରାଯାଉ ବୋଲି ପଦ୍ମପୁର ନାଗରିକ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୟ ବହିଦାର ଦାବି କରିଛନ୍ତି। ଔଷଧୀୟ ବନରାଜି, ଚିରସ୍ରୋତ ଜଳ ରାଶି, ପବିତ୍ର ପାପନାଶିନୀ ଝରଣା, ପ୍ରଭୁ ନୃସିଂହନାଥ ମନ୍ଦିର ଓ ଗରିବ ଜନଗଣଙ୍କ ଜୀବନଜୀବିକାର ଜନ୍ମଦାତ୍ରୀ ଗନ୍ଧମାର୍ଦ୍ଦନ ପର୍ବତମାଳା ଉପରେ ଖଣିଖନନର ଷଡ଼ଯନ୍ତ୍ର ପ୍ରତି ବରଦାସ୍ତ କରାଯିବ ନାହିଁ। ୧୯୦୪-୦୫ ଆର୍କଲୋଜିକାଲ ସର୍ଭେ ଅଫ ଇଣ୍ଡିଆର ବାର୍ଷିକ ରିପୋର୍ଟ ୧୨୧ପୃଷ୍ଠାରେ ଡ. ଜିଆର ଭଣ୍ଡାରକର ଏସଂକ୍ରାନ୍ତରେ ତଥ୍ୟ ଭିତ୍ତିକ ରିପୋର୍ଟ ପ୍ରଦାନ କରିଛନ୍ତି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସେଣ୍ଟର ଫର ଏକ୍ସଲେନସି ତରଫରୁ ୧୬ ପ୍ରକାର ବନଔଷଧୀରୁ ମଧୁମେହ, ଫାଇଲେରିଆ ନିରାକରଣ ଔଷଧ ତିଆରି ସରିଛି। କର୍କଟ ରୋଗ ଔଷଧ ପାଇଁ ପ୍ରୟାସ ଜାରି ରହିଛି। ଏପରି ସର୍ବଗୁଣ ସମ୍ପନ୍ନ ପାହାଡ଼ ଦେହରେ ଖଣି ଖନନ କଲେ ଉଚିତ ହେବ ନାହିଁ। ଅଶିଦଶକରେ ପଦ୍ମପୁର ଅଞ୍ଚଳ କଲେଜରେ ୧୯୮୩ରେ ଛାତ୍ର ଆନ୍ଦୋଳନ ହୋଇଥିଲା ଓ ଖଣି ଖନନ ବନ୍ଦ ହୋଇଥିଲା। ମାତ୍ର ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଚାଲୁଥିବାରୁ ଏହି ଖଣି ଯୋଜନା କାର୍ଯ୍ୟେ କରୁଥିବା ଶୁଣାଯାଉଛି। ଯଦି ଖଣି ଖନନ କାର୍ଯ୍ୟ ଆରମ୍ଭ ହୁଏ ତେବେ ଆନ୍ଦୋଳନ ହେବ ବୋଲି ଶ୍ରୀ ବହିଦାର ଚେତାବନୀ ଦେଇଛନ୍ତି।

## ଶିଶୁମନ୍ଦିରରେ ପ୍ରଜ୍ଞାପ୍ରବାହର ଆଲୋଚନାଚକ୍ର

**ପଦ୍ମପୁର, ୧୦।୧୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଜ୍ଞାପ୍ରବାହ ପଦ୍ମପୁର ଶାଖା ତରଫରୁ ଏକ ଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶାଖାର ଉପସଭାପତି ଚୌବନ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପଦ୍ମନାଭ ଯୋଶୀ ମୁଖ୍ୟ ଷ୍ଟାର୍ସ ଏବଂ ଜିଲ୍ଲା ସଂଘ ଚାଳକ ରୋହିତ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହିଳା ଆୟମ ପ୍ରମୁଖ ଅଞ୍ଜଳି ଦାଶ ଅତିଥି ପରିଚୟ କରିଥିବା ବେଳେ ଗଙ୍ଗାଧର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ସହକାରୀ ପ୍ରଫେସର ଡ. ପ୍ରିୟଦର୍ଶୀ ଯୋଶୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଲୋଚନାଚକ୍ରରେ ବରଗଡ଼ ଜିଲ୍ଲା ସହସଂଘ ଚାଳକ ତଥା ନିଶ୍ଚେତକ ବିଶେଷଜ୍ଞ ଡା. ସତ୍ୟସାଇ ନାଏକ ରାଷ୍ଟ୍ର ସମ୍ମୁଖରେରେ ଆହ୍ୱାନ, ଅଞ୍ଚଳ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଅଧ୍ୟାପିକା ଡ. ମମତାମୟୀ ଗୁରୁ ପୁଣ୍ୟସ୍ମରଣ ଏବଂ ଭୀଷ୍ମଦେବ ସାହୁ, ସମାଜର ଉତଥାନ ପାଇଁ ପଞ୍ଚ ପରିବର୍ତ୍ତନ ବିଷୟରେ ଆଲୋକପାତ କରିଥିଲେ। ରୁପେଶ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଶାଖାର ସମ୍ପାଦକ ଡ. ଟିକେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାଧୀନ ପ୍ରଧାନ, ଶିବ ପ୍ରସାଦ ସା, ରାକେଶ ସାହୁ, ଦିବ୍ୟକିଶୋର ପଣ୍ଡା, ଭାସ୍କର ଦାଶ, କ୍ଷୀରସିନ୍ଧୁ ବନଛୋର ପ୍ରମୁଖ ସାହାଯ୍ୟ କରିଥିଲେ।

## ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ

**ପଦ୍ମପୁର, ୧୦।୧୧(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପଦ୍ମପୁରର ୪୦ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ପ୍ରାପ୍ତ ପର୍ଯ୍ୟାୟରେ ରମେଶ ଗୁର୍ଲା ଓ ସୁରେନ୍ଦ୍ର ସାହୁ ଯୋଗଦେଇ କ୍ରୀଡ଼ାକୁ ଆରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପାଇକମାଳ ବ୍ଲକ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ଧ୍ୱଜା ଅବରୋହଣ କରି କାର୍ଯ୍ୟକ୍ରମକୁ ସମାପନ ଘୋଷଣା କରିଥିଲେ। ସଭାପତି ପୃଥ୍ୱୀରାଜ ସାହୁ, ଉପ ସଭାପତି ଗୋପାଳ କୃଷ୍ଣ ମିଶ୍ର, ସଂକୁଳ ପ୍ରମୁଖ ଦ୍ୱାଦଶ କୁମାର ପଧାନ, ବରଗଡ଼ ଜିଲ୍ଲା ସଂଘ ଚାଳକ ରୋହିତ କୁମାର ମେହେର, ସମାଜସେବୀ ନିରୋଜ ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଘନଶ୍ୟାମ ପୁଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ରୀଡ଼ା ସମାରୋହରେ ୮୪ଟି ପ୍ରତିଯୋଗିତାରେ ୨୫୨ ଜଣ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଖେଳାଳୀ ଭାବରେ ଖୋଲଣା ମଞ୍ଜରୀ ସାହା ପୁରସ୍କୃତ ହୋଇଥିଲେ। ସମସ୍ତ ଗୁରୁଜୀଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ଗୋକୁଳାଷ୍ଟମୀ ମହୋତ୍ସବ ଉଦ୍‌ଯାପିତ

**ଅତାବିରା, ୧୦।୧୧(ସମିସ):** ଅତାବିରା ବ୍ଲକ ଅମଲିପାଲି ପଞ୍ଚାୟତ ଡାହାରୁପଡ଼ା ଗ୍ରାମରେ ଗୋକୁଳାଷ୍ଟମୀ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ପଣ୍ଡିତ ରଙ୍କମଣି ହୋତା ପୂଜା କାର୍ଯ୍ୟ ତୁଲାଇଥିବାବେଳେ ଜଗନ୍ନାଥ ମହାପାତ୍ର ଓ ଗୌରହରି ପ୍ରଧାନ ସହଯୋଗ କରିଥିଲେ। କର୍ତ୍ତା ଦାୟିତ୍ୱ ସୀତାରାମ ଧନବାର୍ ଓ ମମତା ଧନବାର୍ ତୁଲାଇଥିଲେ। ଅଞ୍ଚଳର ହଜାରହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ମନୋରଞ୍ଜନ ସକାଶେ ଦିନବେଳା କୁସମଟିକ୍ରାର କୃଷ୍ଣଗୁରୁ ଓ ରାତ୍ରିରେ ଭଗବାନ ପାର୍ଟି କୁମ୍ଭାରୀର ନାଟକ ପରିବେଷଣ କରାଯାଇଥିଲା। ଗ୍ରାମର ସ୍ୱେଚ୍ଛାସେବୀ ଓ ଅତାବିରା ପୁଲିସ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂଜା କମିଟିର ସଭାପତି ଭାବରେ ଧନିରାମ ଦାସ, ସମ୍ପାଦକ ଭାବରେ ଶିବ ବାରୁ, କୋଷାଧ୍ୟକ୍ଷ ଭାବରେ ସମାରୁବାରୁ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ମହତ ହର, ଗଣେଶ ଟପ୍, ମଙ୍ଗଲୁ ହର, ଧର୍ମରାଜ ଟପ୍ ଓ ଅନ୍ୟମାନେ ସହଯୋଗ କରିଥିଲେ।

## ଶକ୍ତି ନଗରରେ ସ୍ୱଚ୍ଛତା ଅଭିଯାନ

**ବରଗଡ଼, ୧୦।୧୧(ସମିସ):** ଶନିବାର ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେଙ୍କ ଆହ୍ୱାନ କ୍ରମେ ୱାର୍ଡ ନମ୍ବର୍ ୧୧ର କାଉନସିଲର ସୁନନ୍ଦା ପଣ୍ଡାଙ୍କ ନେତୃତ୍ୱରେ ଏବଂ ଶକ୍ତି ନଗର ମହିଳା ସମିତି ସହଯୋଗରେ ଏକ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ରାକେଶ୍ ନାୟକ୍, ଟିଙ୍କୁ ନନ୍ଦ, ବିଭୂତି ଦାଶ ଓ ଆହୁରି ଅନେକ ଯୋଗଦେଇ ଘରଘର ବୁଲି ନିଜ ଘରୁ ବାହାରୁଥିବା ଅଳିଆ ଆବର୍ଜନାକୁ ରାସ୍ତାରେ ନ ପକାଇ ମ୍ୟୁନିସିପାଲଟିରୁ ଆସୁଥିବା ଗାଡ଼ିରେ ଦେବାକୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଶକ୍ତି ନଗରର ମହିଳା ସମିତି ଏବଂ ପୌରପାଳିକାରୁ ଆସିଥିବା ସ୍ୱଚ୍ଛ ସାଥୀମାନଙ୍କ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିବାରୁ ସତ୍ୟ ନାରାୟଣ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଆଗାମୀ ଦିନରେ ସମସ୍ତ ଜନହିତକର କାମରେ ସହଯୋଗ କରିବାକୁ କାମନା କରିଥିଲେ।

## ରାଜ ପୁରୋହିତ ପଣ୍ଡିତ ଶିବଶଙ୍କର ଦାଶଙ୍କ ପରଲୋକ

**ବରଗଡ଼, ୧୦।୧୧(ସମିସ):** ବରଗଡ଼ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ରାଜପୁରୋହିତ ତଥା ବରଗଡ଼ ସହରରେ ଘରେ ଘରେ ପରିଚିତ ପଣ୍ଡିତ ଶିବଶଙ୍କର ଦାଶ(୮୬)ଙ୍କ ପରଲୋକ ହୋଇଯାଇଛି। ତାଙ୍କ



ପରଲୋକରେ ସହର ତଥା ଆଖପାଖ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ସ୍ୱର୍ଗତ ଶିବ ଦାଶ ବରଗଡ଼ ସହରରେ ଜଣେ ଅଦ୍ୱିତୀୟ ପଣ୍ଡିତ ଭାବେ ବେଶ ଖ୍ୟାତି ଅର୍ଜନ କରିଥିବା ବେଳେ ଜଣେ ଦୟାଳୁ, ପରୋପକାରୀ ଓ ମୃଦୁ ଭାଷୀ ବ୍ୟକ୍ତି ଥିଲେ। ବରଗଡ଼ ତଳିପଡ଼ାରେ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳପକ୍ଷ ଅଁଳାନବମୀରେ ହୋଇ ଆସୁଥିବା ନାମଯଜ୍ଞ ମହୋତ୍ସବରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମୁଖ୍ୟପୂଜକ ପଣ୍ଡିତ ଭାବେ କାର୍ଯ୍ୟ ତୁଲାଇ ଆସୁଥଲେ। ବରଗଡ଼ର ସମସ୍ତ ଶୁଭକାର୍ଯ୍ୟରେ ତାଙ୍କର ଯୋଗଦାନ ଅତୁଳନୀୟ ରହିଥିଲା। ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁଚରଣ ନେପାକ, ସୁରେଶ୍ୱର ଶତପଥୀ, ଓକିଲ ସଂଘ ସଭାପତି ତଥା ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫ, ଅଶୋକ ବେହେରା, ସାମ୍ବାଦିକ ସୁରେନ୍ଦ୍ର ହୋତା, ରଞ୍ଜନ ଦେବତା, ସତ୍ୟଜିତ ଦାଶ, ଘରୋଇ ବସ୍ ମାଲିକ ସଂଘ ସଭାପତି ବିନୋଦ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶୋକସନ୍ତପ ପରିବାରଙ୍କୁ ସମବେଦନା ଜଣାଇବାସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ସର୍ଗିବାହାଲ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

**ପଦ୍ମପୁର, ୧୦।୧୧(ସମିସ):** ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ସରସ୍ୱତୀ ଶିଶୁମନ୍ଦିରର ୧୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଦିବାସୀ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବରିହା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିଶୁ ଭାଇଭଉଣୀମାନେ କ୍ରୀଡ଼ା ମନୋଭାବ ରଖି ସମସ୍ତଙ୍କୁ ଭାଗନେବା ପାଇଁ ଉତ୍ସାହିତ କରିଥିଲେ। ପରିଚାଳନା ସମିତିର ସଭାପତି ମୁରଲିଧର ସାହୁ ଓ ସମ୍ପାଦକ ପ୍ରହଲ୍ଲାଦ ସାହୁ ଉପସ୍ଥିତ ଥିଲେ। ଶିଶୁ ବାଟିକା ବିଭାଗରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ୧୦୫ ଜଣ ଖେଳାଳି ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ସାମାଜିକ କର୍ମୀ ସୁନିଲ ଅଗ୍ରୱାଲ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଧାନଆଚାର୍ଯ୍ୟ ପ୍ରମୋଦ ସାହୁ ଅତିଥଙ୍କ ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ପ୍ରହଲ୍ଲାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶାରୀରିକ ପ୍ରମୁଖ ରୂପକ ବରିହା ବିଭିନ୍ନ ପ୍ରତିଯୋଗିତାର ସୂଚନା ଦେଇଥିଲେ। ସମସ୍ତ ଗୁରୁଜୀଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**ପଦ୍ମପୁର, ୧୦।୧୧(ସମିସ):** ପଦ୍ମପୁର ଜେନିଥ୍ ଲାୟନ୍ସ ଗୁରୁକୁଳରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସଭାପତି ପ୍ରତାପ ମିଶ୍ର, ଉପସଭାପତି ସୁଶାନ୍ତ ରଥ, ସମ୍ପାଦକ ପବନ ଅଗ୍ରୱାଲ, କୋଷାଧ୍ୟକ୍ଷ ମହମ୍ମଦ ଜାଭେଦ ମେଳାରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟକ୍ଷ ମନୋଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନୀରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀ ବିଜ୍ଞାନ ଓ ଗଣିତର ବିଭିନ୍ନ ଶାଖା ସହ ଜଡ଼ିତ ବିଭିନ୍ନ ପ୍ରକାରର ମଡେଲ ଉପସ୍ଥାପନ କରିଥିଲେ। କୃଷ୍ଣଚନ୍ଦ୍ର ହୋତା, ସୁଶାନ୍ତ ଯୋଶୀ, ପୁରୁଷୋତ୍ତମ ସାହୁ, ଜୁଲି ପଧାନ, କୀର୍ତ୍ତି ପାଢ଼ି ଓ ଅନ୍ୟମାନେ ପ୍ରଦର୍ଶନୀକୁ ସର୍ବେକ୍ଷଣ କରିଥିଲେ। ସେମାନଙ୍କ ମଡେଲ ବିଷୟରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ଠାରୁ ସବିଶେଷ ତଥ୍ୟ ନେଇ କୃତୀ ଛାତ୍ରଛାତ୍ରୀଙ୍କୁ ଚୟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳନା କମିଟି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପରିଶେଷରେ ଅଧ୍ୟକ୍ଷ ଧନ୍ୟବାଦ ଅର୍ପଣ କରିଥିଲେ।

## ୱିନର ବ୍ରାଇଟ୍ ଫ୍ୟୁଚର ସ୍କୁଲର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୦।୧୧(ସମିସ):** ପଦ୍ମପୁର ଉପଖଣ୍ଡ ଖୁଣ୍ଟପାଲିସ୍ଥିତ ୱିନର ବ୍ରାଇଟ ଫ୍ୟୁଚର ସ୍କୁଲରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଓ ତାଙ୍କ ପତ୍ନୀ ପ୍ରତିମା ପୁରୋହିତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ବିଦ୍ୟାଳୟ ଟ୍ରଷ୍ଟି ସଂଯୁକ୍ତା ମିଶ୍ର, ଏକାଡେମିକ୍ ଡାଇରେକ୍ଟର ଡ. ରାକେଶ ସାହୁ, ଚେୟାରମ୍ୟାନ ଶ୍ରୀକାନ୍ତ ମିଶ୍ର, ଅଧ୍ୟକ୍ଷା ଅପାଳି ଅପରାଜିତା ଦାସ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀ ବାଦ୍ୟର ତାଳେତାଳେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାଂସଦ ଶ୍ରୀ ପୁରୋହିତ ବାର୍ଷିକ ଉତ୍ସବର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷା ଶ୍ରୀମତି ଦାସ ବାର୍ଷିକ ବିବରଣୀ ଉପସ୍ଥାପନ ଏବଂ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ। ଉତ୍କୃଷ୍ଟ ଶିକ୍ଷାର ମାନ ବୃଦ୍ଧି ସହିତ ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ ପାଇଁ ସ୍କୁଲର ଏକାଡେମିକ୍ ଡାଇରେକ୍ଟର ଏବଂ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ଉତ୍ସବରେ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିବାବେଳେ ଶେଷରେ କୋର୍ଡିନେଟର ନିବେଦିତା ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସମ୍ମିଳନୀ

**ପଦ୍ମପୁର, ୧୦।୧୧(ସମିସ):** ବରଗଡ଼ ଜିଲ୍ଲା ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସମ୍ମିଳନୀ ପଦ୍ମପୁରସ୍ଥିତ ସିଦ୍ଧି ବିନାୟକ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ବରଗଡ଼ ଜିଲ୍ଲା ସଭାପତି ନନ୍ଦିଘୋଷ ଭୋଇଙ୍କ ଅଧ୍ୟକ୍ଷତା ଓ ରାଜବୋଡାସମ୍ବର ବ୍ଲକ ସଭାପତି ରଘୁନାଥ ପୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିଲା। ସଭାରେ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ସଭାପତି ସୋମନାଥ ଗରୁଡ଼, ବରଗଡ଼ ଜିଲ୍ଲା ପୂର୍ବତନ ସଭାପତି ଡୋଲାମଣି ମାହାର ସମେତ ଜିଲ୍ଲାର ବିଭିନ୍ନ ବ୍ଲକ ସଭାପତି ଯୋଗଦେଇଥିଲେ। ଭଟଲି ବ୍ଲକର ଯୋଗେଶ୍ୱର ପ୍ରଧାନ, ଭେଡେନ ବ୍ଲକର ଭରଦ୍ୱାଜ ପ୍ରଧାନ, ବିଜେପୁର ବ୍ଲକର ପୃଥ୍ୱୀରାଜ ବାରିକ, ସୋହେଲା ବ୍ଲକର କୁବେର ମହାପାତ୍ର, ଗାଇସିଲେଟ ବ୍ଲକର ରାଧେଶ୍ୟାମ ଯୋଶୀ, ଝାରବନ୍ଧ ବ୍ଲକର ବିଷ୍ଣୁଚରଣ ସାହୁ, ଅତାବିରା ବ୍ଲକର ବୀରେନ୍ଦ୍ର କୁମାର ଭୋଇ ଓ ପାଇକମାଲ ବ୍ଲକର ନିରାକାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀଙ୍କ ବିଭିନ୍ନ ଦାବି ସମୂହ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ସମ୍ମାନିତ ଅତିଥି ଭାବେ ବିଜେପି ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାପତି ଗୋବର୍ଦ୍ଧନ ଭୁଏ, ରାୟଗଡ଼ା ଜିଲ୍ଲା ଶିକ୍ଷକ ସଂଘ ସଭାପତି ସୋମନାଥ ଗରୁଡ଼, ରାଜବୋଡାସମ୍ବର ବ୍ଲକ ସଭାପତି ରଘୁନାଥ ପୁରୀ, ବରଗଡ଼ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଶ୍ରୀକାନ୍ତ ବାରିକ ଯୋଗଦେଇ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ନନ୍ଦିଘୋଷ ଭୋଇଙ୍କ ସଭାପତିତ୍ୱରେ ମଞ୍ଚାସୀନ ହୋଇଥିଲେ। ଅବସରରେ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ନ୍ୟାର୍ଯ୍ୟ ଦାବିର ଯଥାର୍ଥତା ରହିଛି। ଅତିଶୀଘ୍ର ପୂରଣ କରିବା ପାଇଁ ବରଗଡ଼ ସାଂସଦ ଶ୍ରୀ ପୁରୋହିତ ଏବଂ ବିଜେପି ରାଜ୍ୟ ଆଦିବାସୀ ଉପସଭାପତି ଶ୍ରୀ ଭୁଏ ବିଭାଗୀୟ ଅଧିକାରୀ, ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକ ସଂଘ ଉପସ୍ଥିତ ରହିବାକୁ ପ୍ରତିଶ୍ରୁତି ଦେଇଥଲେ। ଶେଷରେ ଜିଲ୍ଲା ସଭାପତି ଶ୍ରୀ ଭୋଇ ଧନ୍ୟବାଦ ଜ୍ଞାପନ କରଥିଲେ। ଶିକ୍ଷକ ସୁରେଶ ଚୌହାନ ଏବଂ ନେତ୍ରାନନ୍ଦ ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ବୈଠକରେ ଜିଲ୍ଲା କୋଷାଧ୍ୟକ୍ଷ ଆଶୁତୋଷ ପାତ୍ର, କନିଷ୍ଠ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ସୋମ୍ୟରଞ୍ଜନ ପ୍ରଧାନ, ବରିଷ୍ଠ ଶିକ୍ଷକ ନେତା ସଚ୍ଚିଦାନନ୍ଦ ଡନସନା, ବିରଞ୍ଚି ସାହୁ, ରୂପକ କୁମାର ସାହୁ, ପ୍ରଦୀପ ସାହୁ, ଚକ୍ରଧର ଅଜଗର ସମେତ ଶତାଧିକ ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

# ଓବିସି ସୁରକ୍ଷା ମଞ୍ଚ ପକ୍ଷରୁ ବୈଠକ

**ବରଗଡ଼, ୧୦।୧୧(ସମିସ):** ଓଡ଼ିଶା ରାଜ୍ୟ ଓବିସି ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ବରଗଡ଼ ଗୋବିନ୍ଦପାଲି ପଲ୍ଲବ ପ୍ୟାଲେସରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାମୀ ସୋମେଶ ଉପସ୍ଥିତ ରହି ଯୁବକମାନଙ୍କୁ ଏକତ୍ରିତ ହେବା ପାଇଁ ଆହ୍ୱାନ କରିଥିଲେ। ସେହିପରି ମୁଖ୍ୟବକ୍ତା ଅଶ୍ୱିନୀ କୁମାର ସାହୁ ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ନିଯୁକ୍ତିକୁ ଆଉଟ ସୋର୍ସିଂ ଠିକା ସଂସ୍ଥା ଜରିଆରେ ସରକାର ଦେଇ ଦଉଥିବାରୁ ଏହାଦ୍ୱାରା ସୁଯୋଗ ସଂକୁଚିତ ହେଉଥିବା ଶ୍ରୀ ସାହୁ କହିଥିଲେ। ବୈଠକରେ ବ୍ଲକସ୍ତରୀୟ ସଭା ଓ କମିଟି ଗଠନ ଉପରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଜିଲ୍ଲାସ୍ତରୀୟ ଓବିସି ଯୁବ ସଂଗଠନ ଘୋଷଣା କରଯାଇଥିଲା। ଯେଉଁଥିରେ ୧୦ଜଣ ସଦସ୍ୟ ଥିବାବେଳେ ସରୋଜ ନାଏକ ସଭାପତି ଭାବେ ଦାୟିତ୍ୱ ନେଇଥିଲେ। ଖେଦାପାଲି ଓ ବାରଗାଡ଼ ଗାଁରେ ଓବିସି ଲୋକଙ୍କ ଉପରେ ହେଉଥିବା ଜମି ମାଫିଆଙ୍କ ଦୌରାମ୍ୟକୁ ନିନ୍ଦା କରାଯାଇଥିଲା। ଆସନ୍ତା ମଙ୍ଗଳବାର ଏହାର ପ୍ରତିବାଦରେ ଜିଲ୍ଲାପାଙ୍କୁ ଓବିସି ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯିବ। ବୈଠକରେ ଶଡାନନ ଭୋଇ ସଭାପତିତ୍ୱ କରି ଥିବାବେଳେ ପଦ୍ମଲୋଚନ ସାହୁ, ବୈଷ୍ଣବଚରଣ ତ୍ୟାଗୀ, ସୁମନ୍ତ ବାରିକ, ବୃଷଭାନୁ ସାହୁ, ଶ୍ରୀପତି ଭୋଇ, କିଶୋର ସାହୁ, ସୁଶାନ୍ତ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କୁଲତା ସମାଜର ବନ୍ଧୁମିଳନ



**ବରପାଲି, ୧୦।୧୧(ସମିସ):** ବରପାଲି କୁଲତା ସମାଜ ପକ୍ଷରୁ ଏକ ବାର୍ଷିକ ବନ୍ଧୁମିଳନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରବିବାର ଇଷ୍ଟ ଦେବା ଦେବୀ ଶ୍ରୀଶ୍ରୀ ରଣେଶ୍ୱର ବାବା ଓ ମାଁ ଶ୍ରୀଶ୍ରୀ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହି ଅବସରରେ ସଭାର ଆୟୋଜନ ହୋଇଥିଲା। କୁଲତା ସମାଜ ସଭାପତି ପୁରୋଷୋତ୍ତମ ଭୋଇଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ଜିଲ୍ଲା କୁଲତା ସମାଜ ସଭାପତି ଅଗ୍ନି କୁମାର ପଧାନ, ଜିଲ୍ଲା କୁଲତା ସମାଜ ସମ୍ପାଦକ ଡା. ପର୍ଶୁରାମ ବାରିକ୍, ବ୍ଲକ କୁଲତା ସମାଜ ସଭାପତି କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସୋହନ ପଧାନଙ୍କ ଦ୍ୱାରା ସ୍ୱାଗତ ସହ ପରିଚୟ ପ୍ରଦାନ ପର୍ବ ସମ୍ପନ୍ନ ହୋଇଥିଲା। ସମ୍ପାଦକୀୟ ବାର୍ଷିକ ବିବରଣୀ ହିମାଂଶୁ ଶେଖର ସାହୁ ପାଠ କରିଥିବା ବେଳେ ଆୟବ୍ୟୟ ବିବରଣୀ ଦିନବନ୍ଧୁ ପଧାନ ଉପସ୍ଥାପନ କରିଥିଲେ। ଅତିଥିମାନେ ସମାଜର ବିକାଶ ସହ ସାମାଜିକ ନୀତି, ଆଦର୍ଶ, ପରମ୍ପରା ଓ ଆଗାମି ଭବିଷ୍ୟତକୁ ସୁଦୃଢ଼ କରିବା ସହିତ ଶିକ୍ଷା ଓ କୃଷିର ଉନ୍ନତି ପାଇଁ ଆମେ ସମସ୍ତେ ଗଠନମୂଳକ ଚିନ୍ତାଧାରା ମାଧ୍ୟମରେ ଆଗେଇ ଆସିବା କଥା ବୋଲି ପ୍ରବର୍ତ୍ତାଇଥିଲେ।

## ୪୯ ବର୍ଷର ଅତୁଟ ସମ୍ପର୍କ

# ମୁକୁନ୍ଦ- ଭୂଷଣଲାଲଙ୍କ ନିଆରା ବନ୍ଧୁତ୍ୱ

**ବରଗଡ଼, ୧୦।୧୧(ସମିସ):**



ବନ୍ଧୁତ୍ୱ ଗୋଟେ ଶବ୍ଦ ନୁହେଁ, ଗୋଟେ ଅନୁଭବ। ଯାହାର ଆରମ୍ଭ ଅଛି ହେଲେ ଅନ୍ତ ନାହିଁ। ଏମିତି ଦୁଇ ବନ୍ଧୁ ହେଲେ ବରଗଡ଼ର ମୁକୁନ୍ଦ ପାତ୍ର(୭୫) ଓ ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ର ଭୂଷଣଲାଲ ଶର୍ମା(୭୨)। ବନ୍ଧୁତ୍ୱର ଦୃଢ଼ ସମ୍ପର୍କରେ ଦୀର୍ଘ ୪୯ବର୍ଷ ହେଲା ବନ୍ଧି ହୋଇଛନ୍ତି। ମୁକୁନ୍ଦ ପାତ୍ର ଓ ଭୂଷଣଲାଲ ଶର୍ମା। ବର୍ତ୍ତମାନ ଦୁହେଁ ସମ୍ପୂର୍ଣ୍ଣ ବୃଦ୍ଧାବସ୍ଥା ଦେଇ ଗତି କରୁଛନ୍ତି। ପିଲା ବେଳୁ ତାଙ୍କର ବନ୍ଧୁତା ନଥିଲା ଦୁହେଁ ଦୁହିଁଙ୍କୁ ଜାଣି ମଧ୍ୟ ନଥିଲେ ହେଲେ ସେ ଦୁହିଁଙ୍କର କାହାଣୀ ଯେତିକି ହୃଦୟସ୍ପର୍ଶୀ ସେତିକି ରୋମାଞ୍ଚକର। ୧୯୭୫ ମସିହାରୁ ଉଭୟଙ୍କର ବନ୍ଧୁତାର କାହାଣୀ ଆରମ୍ଭ। ଆରଡବ୍ଲୁଏସଏସ ବିଭାଗରେ ଚାକିରି ପାଇଥିବା ମୁକୁନ୍ଦ କଟକରୁ ଟ୍ରେନିଂ ସାରି ଅତି ସ୍ୱଳ୍ପ ସମୟ ପାଇଁ ଢେଙ୍କାନାଳରେ ପୋଷ୍ଟିଂ ହେବା ପରେ ତାଙ୍କର ବଦଳି ହୋଇଥିଲା ନୂଆପଡ଼ା ଜିଲ୍ଲାକୁ ଓ ହେଡ୍‌କ୍ୱାଟର ଭାବରେ ସେ ଖରିଆରରୋଡ଼ରେ ନିୟୋଜିତ ହୋଇଥିଲେ। ୧୯୭୫ ମସିହାରେ ଘଞ୍ଚ ଜଙ୍ଗଲ ଯାନବାହାନରେ ସେତିକି ଚଳପ୍ରଚଳନ ନଥିବା ବେଳେ କର୍ମଚାରୀଙ୍କୁ ଘରଭଡ଼ାଦେବାକୁ ମଧ୍ୟ ସାଧାରଣରେଲୋକେ କୁଣ୍ଠା ପ୍ରକାଶ କରିଥିଲେ। ସେହିମୟରେ ସମାନ ବିଭାଗରେ କାର୍ଯ୍ୟରତ ଭୂଷଣଲାଲ ଶର୍ମା ସାହାଯ୍ୟର ହାତ ବଢ଼ାଇଥିଲେ ମୁକୁନ୍ଦ ପାତ୍ରଙ୍କୁ। ଅନ୍ୟତ୍ର ଘରଭଡ଼ା ନମିଳିବା ଯାଏ ନିଶୁଳ୍କ ଭାବରେ ଅନିର୍ଦ୍ଧିଷ୍ଟକାଳ ପର୍ଯ୍ୟନ୍ତ ନିଜ ଘରେ ରହିବାକୁ ସେ ଅନୁମତି ଦେଇଥିଲେ। ଯାହା ପର୍ଯ୍ୟୟକ୍ରମେ ୧୯୭୫ମସିହାରୁ ୨୦୦୬ ପର୍ଯ୍ୟନ୍ତ ଦୀର୍ଘ ୩୧ବର୍ଷ ଧରି ତାଙ୍କ ଘରେ ମୁକୁନ୍ଦ ରହି ଆସିଥିଲେ। ସେହି ସମୟରୁ ଉଭୟଙ୍କ ମଧ୍ୟରେ ଗଢି ଉଠିଥିଲା ନିବିଡ଼ ବନ୍ଧୁତ୍ୱର ସମ୍ପର୍କ ଯାହା ବର୍ତ୍ତମାନ ୪୯ବର୍ଷ ଧରି ଉଭୟଙ୍କୁ ଦୃଢ଼ ସମ୍ପର୍କରେ ବାନ୍ଧି ରଖିଛି। କର୍ମକ୍ଷେତ୍ରରୁ ଫେରିବା ପରେ ଗୋଟିଏ ପରିବାର ଦୁଇ ଭାଇ ସଦୃଶ୍ୟ ଉଭୟ ଗୋଟିଏ ଛାତ ତଳେ ରହିବା ସହିତ, ଉଭୟ ଗୋଟିଏ ଥାଳିରେ ଖାଇବା ସହିତ ଉଭୟଙ୍କ ଦୁଃଖସୁଖର ସାଥି ସାଜିଥିଲେ। ବାହାରଲୋକ ସହଜରେ ଜାଣିପାରୁନଥିଲେ । ଯେ ଏମାନେ ଦୁଇ ବନ୍ଧୁ ନା ଦୁଇ ଭାଇ। ପର୍ଯ୍ୟାୟକ୍ରମେ ଚାକିରିରୁ ଅବସର ନେବା ପରେ ମୁକୁନ୍ଦ ନିଜ ଜନ୍ମମାଟି ବରଗଡ଼କୁ ଫେରି ଆସିଥିଲେ ଓ ଭୂଷଣଲାଲ ଖରିଆର ରୋଡ଼ରେ ରହିଥିଲେ। ପାରିବାରିକ ଜଞ୍ଜାଳ ତଥା ବୟସର ବର୍ଦ୍ଧକ୍ୟତା ବଶବର୍ତ୍ତୀ ହୋଇ ଉଭୟ ଉଭୟଙ୍କ ପାଖରୁ କିଛିଦିନ ପାଇଁ ଦୁରେଇ ଯାଇଥିଲେ। ହେଲେ ତାଙ୍କର ସମ୍ପର୍କରେ କୌଣସି ଫାଟ ସୃଷ୍ଟି ହୋଇନାହିଁ ବରଂ ତାଙ୍କର ସମ୍ପର୍କର ନିବିଡ଼ତା ଆହୁରି ସୁଦୃଢ଼ ହୋଇଛି। କିଛି ବର୍ଷର ବ୍ୟବଧାନ ପରେ ହଠାତ ଭୂଷଣଲାଲଙ୍କ ଦେହ ଅସୁସ୍ଥ ହୋଇଥିଲା ଓ ତାଙ୍କର ଆର୍ଥିକ ସ୍ଥିତି ସେତିକି ସୁଦୃଢ଼ ରାହୁନଥିବା ବେଳେ ଭୂଷଣଲାଲ ଦୃଷ୍ଟିଶକ୍ତି ମଧ୍ୟ ହରାଇ ବସିଥିଲେ।ଏତିକିରେ ଓ ନିଜର ଚିକିତ୍ସା କରାଇବା ପାଇଁ ମଧ୍ୟ ଭୂଷଣଲାଲ ସକ୍ଷମ ନଥିଲେ। ଶେଷରେ ସେ ନିରୁପାୟ ହୋଇ ନିଜର ବନ୍ଧୁ ମୁକୁନ୍ଦକୁ ଯୋଗାଯୋଗ କରିଥିଲେ। ଖବର ପାଇବା ପରେ ତୁରନ୍ତ ମୁକୁନ୍ଦ ତାଙ୍କର ବନ୍ଧୁଙ୍କୁ ବରଗଡ଼ ଆଣି ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିବା ପରେ ବରଗଡ଼ ଜୀରାନଦୀ ତଟରେ ରହିଥିବା ଲାୟନ୍ସ କ୍ଲବର ସହାୟତାରେ ତାଙ୍କର ଚକ୍ଷୁର ଅସ୍ତ୍ରୋପଚାର କରିଥିଲେ।ଯାହା ସଫଳତାର ସହିତ ସମ୍ପୂର୍ଣ୍ଣ ହେବା ପରେ ଭୂଷଣଲାଲ ତାଙ୍କର ଦୃଷ୍ଟି ଶକ୍ତି ଫେରି ପାଇଥିଲେ। ଏତିକିରେ କାହାଣୀରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ ଉକ୍ତ ଘଟଣା ବିଷୟରେ ବନ୍ଧୁ ମୁକୁନ୍ଦ କାହାରି ସହିତ ଚର୍ଚ୍ଚା କରିନଥିବା ବେଳେ କାହାକୁ ସାହାଯ୍ୟର ହାତ ମଧ୍ୟ ପତାଇ ନଥିଲେ ହେଲେ ନିଜ ବନ୍ଧୁ ଶରୀରରେ ରକ୍ତ କମ ରହିଥିବା ଜାଣି ସେ ତାଙ୍କୁ ରକ୍ତ ଯୋଗାଇ ଦେବା ପାଇଁ ଆଜି ବରଗଡ଼ ସଦର ଚିକିତ୍ସାଳୟକୁ ଆସିଥିଲେ।ବୃଦ୍ଧା ଦୁଇଜଣଙ୍କୁ ଦେଖି ପ୍ରତିନିଧି ତାଙ୍କ ପାଖକୁ ଯାଇ ସମସ୍ୟା ବିଷୟରେ ବୁଝିବା ପରେ ତାଙ୍କୁ ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲଙ୍କ ସହାୟତାରେ ଏକ ୟୁନିଟ୍ ରକ୍ତ ଯୋଗାଇଦେବା ସହିତ କିଛି ସମୟ ତାଙ୍କ ସହିତ ଆଲୋଚନା କରିଥିଲେ। ଆଜିର ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ଏଭଳି ବନ୍ଧୁତ୍ୱର ନିଆରା ଉଦାହରଣ ସାଜିଥିବା ପ୍ରକୃତ ସମ୍ପର୍କ ବିଷୟରେ ଜାଣିବାକୁ ପାଇଥିଲେ।

# ବ୍ରାହ୍ମଣ ସମାଜ ପକ୍ଷରୁ ପଞ୍ଚାୟତସ୍ତରୀୟ ପରିବାର ମିଳନ ଉତ୍ସବ



**ଗାଇସିଲେଟ, ୧୦।୧୧(ସମିସ):** ସ୍ଥାନୀୟ ନୈମିଷାରଣ୍ୟରେ ଗାଇସିଲେଟ ବ୍ରାହ୍ମଣ ସମାଜର ପକ୍ଷରୁ ପଞ୍ଚାୟତସ୍ତରୀୟ ପରିବାର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜର ସଭାପତି ଡ.ସୁନିଲ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ହୋମଯଜ୍ଞ ଓ ପରେ ଗାୟତ୍ରୀ ମାତା ଓ ପର୍ଶୁରାମ ଭଗବାନଙ୍କ ନିକଟରେ ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଡ. ସୁନିଲ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପର୍ଶୁରାମ ବାହିନୀ ସଭାପତି ରଞ୍ଜନ ପଣ୍ଡା ଉକ୍ତ ସଭାକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିବା ବେଳେ ବ୍ଲକ ସଭାପତି ସଦାନନ୍ଦ ପାଢ଼ୀ, ପଞ୍ଚାୟତ ସମ୍ପାଦକ ରବୀନ୍ଦ୍ର ପଣ୍ଡା, ପାଇକମାଲ ବ୍ଲକ ସଭାପତି ଗିରିଶ ନାୟକ, ପଦ୍ମପୁର ବ୍ଲକ କୋଷାଧ୍ୟକ୍ଷ ଶାନ୍ତନୁ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। ରବୀନ୍ଦ୍ର ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବ୍ଲକ ସଭାପତି ସଦାନନ୍ଦ ପାଢ଼ୀ ନିଜର ବକ୍ତବ୍ୟରେ ବ୍ଲକ ସମାଜର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହାସହିତ ପାଇକମାଲ ବ୍ଲକ ସଭାପତି ଗିରିଶ ଚନ୍ଦ୍ର ନାୟକ ନିଜର ବକ୍ତବ୍ୟ ମାଧ୍ୟମରେ ସମାଜ ସୁଧାର ଉପରେ ଆଲୋକପାତ କରିଥିଲେ। ଗାୟତ୍ରୀ ବାହିନୀର ସମ୍ପାଦିକା ଜ୍ୟୋସ୍ନାରାଣୀ କର ନିଜ ବକ୍ତବ୍ୟରେ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ସାଂସଦ ଶ୍ରୀ ପୁରୋହିତ ନିଜର ବକ୍ତବ୍ୟରେ ବ୍ରାହ୍ମଣ ପରିବାର ସମସ୍ୟାର ସମାଧାନ ସହିତ ସମାଜକୁ ଆଗେଇ ନେବା ଉଚିତ୍ ବୋଲି ମତବ୍ୟକ୍ତ କରିବା ସହ ସମାଜର ଏକତା ଓ ଅଖଣ୍ଡତା ଉପରେ ଆଲୋକପାତ କରିଥିଲେ। ଅବସରରେ ୮୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଏବଂ ନାରୀ ନେତ୍ରୀ ଝରଣା ପାଣିଗ୍ରାହୀ, ପୁଷ୍ପାଞ୍ଜଳି ଦାଶ ଏବଂ ଅରବିନ୍ଦ ପଣ୍ଡା, ମିହିର ଦାଶ, ଅମ୍ବିକା ତ୍ରିବେଦୀ ଓ ନିଟ ପରୀକ୍ଷାରେ ସଫଳତା ପାଇଥିବା ଆଶାରାଣୀ ପୁରୋହିତ ଏବଂ ଓଡ଼ିଶା କୃଷି ଓ ବୈଷୟିକ ପରୀକ୍ଷାରେ ସଫଳତା ହାସଲ କରିଥିବା ଶୁଭଲକ୍ଷ୍ମୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ରାମାୟଣ, ମହାଭାରତ ଓ ପୁରାଣ ପୁସ୍ତକରୁ କ୍ୱିଜ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଶେଷରେ ସଞ୍ଜୟ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଷଡ଼ଙ୍ଗୀ ପରିବାରର ମହାମିଳନ ଉତ୍ସବ



**ବରଗଡ଼, ୧୦।୧୧(ସମିସ):** ବରଗଡ଼ରେ ନୀଳକଣ୍ଠ ଷଡଙ୍ଗୀ ବଂଶର ମହାମିଳନ ଉତ୍ସବ ବରଗଡ଼ ସ୍ୱୟଂସିଦ୍ଧା ଭବନରେ ଅନୁଷ୍ଠିତ ହୋଇଯାଇଛି। ରବିବାର ଅଁଳାନବମୀ ଅବସରରେ ଏହି ମହାମିଳନ ଉତ୍ସବ ଆୟୋଜିତ ହୋଇଥିଲା। ଅବସରରେ ତାଙ୍କର ବଂଶଜ ଚିଚିଣ୍ଡା ବାସିନ୍ଦା ଖଗେଶ୍ୱର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ସହସ୍ରାଧିକ ପରିବାରର ସଦସ୍ୟସଦସ୍ୟା ଯୋଗଦେଇଥିଲେ। ଏହାସହିତ ସମସ୍ତଙ୍କ ଝିଅ, ଜ୍ୱାଇଁ, ଭଣଜା, ଭାଣଜୀ ମଧ୍ୟ ନିମନ୍ତ୍ରିତ ହୋଇଥିଲେ। କାର୍ଯ୍ୟକ୍ରମରେ ଷଡ଼ଙ୍ଗୀ ପରିବାରର ସଦସ୍ୟଙ୍କ ଦ୍ୱାରା ଜ୍ୱାଇଁ ଓ ଭଣଜାଙ୍କ ପଦଧୌତ କରାଯାଇଥିଲା। ପରେ କିଭଳି ସମସ୍ତେ ଏକତାର ରଜ୍ଜୁରେ ବାନ୍ଧି ହୋଇ ସମାଜର ହିତ ପାଇଁ କାର୍ଯ୍ୟପନ୍ଥା ଅବଲମ୍ବନ କରିବା ସେନେଇ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତେ ଆଗାମୀ ଦିନରେ ନିଜର, ନିଜ ପରିବାର ସମେତ ସାମାଜିକ କାର୍ଯ୍ୟରେ ନିଜକୁ ଲିପ୍ତ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ଷଡ଼ଙ୍ଗୀ ବଂଶଜଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି। ପ୍ରାୟ ୫ ପିଢ଼ିର ଦାୟଦମାନେ ପରସ୍ପରକୁ ଚିହ୍ନିବା ସହିତ ଭାବ ଆଦାନପ୍ରଦାନର ସୁଯୋଗ ପାଇଥିବାରୁ କାର୍ଯ୍ୟକ୍ରମଟି ସମସ୍ତଙ୍କର ଆସ୍ଥାଭାଜନ ହୋଇପାରିଥିଲା।

# ସତ୍‌ସଙ୍ଗ ଗୋଷ୍ଠୀର ପଞ୍ଚବାର୍ଷିକ ମହୋତ୍ସବ ଉଦ୍‌ଯାପିତ

**ଘେଁସ, ୧୦।୧୧(ସମିସ):** ପେଟୁପାଲି ଶିବ ମନ୍ଦିର ପ୍ରାଙ୍ଗଣରେ ସତସଙ୍ଗ ଗୋଷ୍ଠୀର ପଞ୍ଚବାର୍ଷିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଦୁଇ ଦିନ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ନାମ ଯଜ୍ଞରେ ଜମିଦାର ସୁରେନ୍ଦ୍ର ସିଂ ବରିହା ସପତ୍ନିକ କର୍ତ୍ତାକାର୍ଯ୍ୟ ତୁଲାଇ ଥିଲାବେଳେ ପଣ୍ଡିତ ଅଶ୍ୱନୀ ସାବତ, ଲୋକେଶ୍ୱର ସାବତ, ଟିକେଶ୍ୱର ନନ୍ଦ, ଲକ୍ଷ୍ମୀକାନ୍ତ ଶତପଥୀ ପୂଜା କାର୍ଯ୍ୟ ତୁଲାଇଥିଲେ। ଏଥିରେ ପେଟୁପାଲିର ଦୁଇଟି ମହିଳା ସଂକୀର୍ତ୍ତନ ଦଳ ଝଗଡ଼ଝାଲ, ଝାକଁରପାଲି ଓ ଘେଁସର ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ। ଉକ୍ତ ଭାଗବତ ସଭାରେ ଗଜରାଜ ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ହରିପ୍ରିୟା ପଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବରେ ଅଞ୍ଚଳର ପ୍ରବଚକ, ପ୍ରବଚିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଭାର ପୂର୍ବତନ ସଭାପତି ଭଗବାନ ସାବତ, ପ୍ରେମାନନ୍ଦ ବିଶି, ଅଭୟ ସିଂ ବରିହା, ହରିହର ମେହେର, ଜମିଦାର ସୁରେନ୍ଦ୍ର ସିଂ ବରିହା, ଗୁଣସାଗର ଚୌହାନ, ଆନନ୍ଦ ମେହେର, ହୃଷିକେଶ ମେହେର, ଶରତ ଚୌହାନ, ଅଲେଖ ବାରିକ ଓ ରାକେଶ ମେହେର ସହଯୋଗ କରିଥିଲେ।

# ଭୀମ ଆର୍ମି ପକ୍ଷରୁ ରକ୍ତଦାନ ଶିବିର: ୧୧୫ ୟୁନିଟ ରକ୍ତ ସଂଗୃହୀତ



**ଅତାବିରା, ୧୦।୧୧(ସମିସ):** ଅତାବିରା ବ୍ଲକ ଅଧୀନ ଗୋଡ଼ଭଗା ଜନତା ହାଇସ୍କୁଲ ସମ୍ମୁଖରେ ଭୀମ ଆର୍ମି ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥି ଭାବେ ରାଜ୍ୟ ଭୀମ ଆର୍ମି ସଭାପତି ଲଂକେଶ ରାବଣ, ସମ୍ମାନିତ ଅତିଥି ଭାବେ ଗୋଶାଳା ପୁଲିସ ଫାଣ୍ଡି ଅଧିକାରୀ ଶୁକଦେବ କିଶାନ, ଭିମ ଆର୍ମି ଜିଲ୍ଲା ପଦାଧିକାରୀ ତଥା କର୍ମକର୍ତ୍ତା ବୈକୁଣ୍ଠ ଜାଲ, ଅନ୍ତର୍ଯ୍ୟାମୀ ଗର୍ଡ଼ିଆ, ବାଳମୁକୁନ୍ଦ ଜଗଦଲା, ବସନ୍ତ କୁମ୍ଭାର, ଅତାବିରା ଭୀମ ଆର୍ମିର ମନୋଜ ସୁନା, ଜୟକ୍ରିଷ୍ଣା ଛୁରିଆ, ବବୁଲୁ ବେସ୍ରା, ଉମାଶଙ୍କର ଭୋରାସାଗର ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନରେ ସହଯୋଗ କରିଥିଲେ ଭିମ ଆର୍ମି ଗୋଡଭଗା ଜୋନର ସଭାପତି ଟିଙ୍କୁ ଉଗର, ଉପସଭାପତି ଆୟୁଶ ହରିପାଲ, ସମ୍ପାଦକ ଶ୍ରୀକାନ୍ତ ଦୀପ, ସହସମ୍ପାଦକ ସରୋଜ ଗର୍ଡ଼ିଆ, କୋଷାଧ୍ୟକ୍ଷ ଉମାକାନ୍ତ ମହାନନ୍ଦ, ସଂଯୋଜକ ପଞ୍ଚାନନ ବାରିକ ଓ ସଞ୍ଜୟ ମହାନନ୍ଦ, ଗୋଡଭଗା ଟାଉନ ସଭାପତି ସଞ୍ଜୁ ରାବଣ, ସମ୍ପାଦକ ଲଳିତ ସୁନା, କାର୍ଯ୍ୟକର୍ତ୍ତା କୁନୁ ଭରାସାଗର, ସନୁ ଶିକା, କୈଳାସ ନାଗ, ମୁକେସ ଛତ୍ରିଆ ଓ ଅନ୍ୟମାନେ ସହଯୋଗ କରିଥିଲେ। ଭିମସାର ବୁର୍ଲାରୁ ରକ୍ତ ସଂଗ୍ରହକାରୀ ଦଳ ଆସି ରକ୍ତ ସଂଗ୍ରହ କରିଥିଲେ। ସର୍ବମୋଟ ୧୧୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

## ସଂକୀର୍ତ୍ତନରେ ଅଶ୍ଳୀଳ ସଙ୍ଗୀତ ପରିବେଷଣକୁ ବିରୋଧ

# ବନ୍ଦ ପାଇଁ ଜନସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୧୦।୧୧(ସମିସ):**



ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ସମ୍ପ୍ରତି ଭାବ ଭକ୍ତିର ସଙ୍କୀର୍ତ୍ତନରେ ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ସଙ୍ଗୀତ ପରିବେଷଣକୁ ବିରୋଧ କରାଯାଇ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସଂସ୍କୃତି ସଚିବ ଓ ସଂସ୍କୃତି ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଭାବ ଭକ୍ତି ଓ ସଂସ୍କୃତି ର ପରିଚୟ ସଙ୍କୀର୍ତ୍ତନରେ ମଧ୍ୟ ଖୁବ୍ ଶୀଘ୍ର ରାଜ୍ୟ ସରକାର ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ସଙ୍ଗୀତ ପରିବେଷଣ ଉପରେ କଟକଣା ଲଗାଇବେ ବୋଲି ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆଶାବାଦି ରହିଛି। ଜନସଚେତନତାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ନେତୃତ୍ୱରେ ପରିଷଦ ଜିଲ୍ଲାର ବିଭିନ୍ନ ଗାଁମାନଙ୍କୁ ଯାଇ ଅଶ୍ଳୀଳ ସଙ୍କୀର୍ତ୍ତନ ବନ୍ଦ ପାଇଁ ଜନ ସଚେତନତା ସୃଷ୍ଟି ପାଇଁ ଅଭିନବ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ପରିଷଦର ବରିଷ୍ଠ ସଦସ୍ୟ ସୁଶିଲ ଠାକୁର, ରାମ ସାହୁ, ଭରତ ପ୍ରଧାନ ସଉମିତ୍ୟ ଦାଶ ପ୍ରମୁଖ ରବିବାର ଭଟଲି ବ୍ଲକ ଅନ୍ତର୍ଗତ ସାନ ଅମ୍ଲିପାଲି ଗ୍ରାମରେ ସ୍ଥାନୀୟ ସଙ୍କୀର୍ତ୍ତନ ପରିଷଦର ସଭାପତି ସୁବାସ ଦାଶ, ସଦାନନ୍ଦ ଦାଶ, ଗୋପାଳ ବାରିକଙ୍କ ଉପସ୍ଥିତିରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ସଙ୍କୀର୍ତ୍ତନ ସଂସ୍କୃତିକୁ ସୁରକ୍ଷା କରିବା ସହିତ ସଙ୍କୀର୍ତ୍ତନରେ ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ସଙ୍ଗୀତ ପରିବେଷଣକୁ ସଙ୍କୀର୍ତ୍ତନ ପ୍ରେମୀ ବିରୋଧ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରାମ ବରିହା, ସମାରୁ ବରିହା, ମୋହତ ଲାଲ ବରିହା, ପ୍ରମୋଦ ବରିହା, ସୁରଲି ବରିହା, ଲେକୁ ବରିହା, ଗୁରୁଦେବ ବରିହା କରୁଣାକର ବାରିକ, ଅନ୍ତର୍ଯ୍ୟାମୀ ଛତର, ଜଳନ୍ଧର ବରିହା ସାମ୍ଲାଲ୍ ବାରିକ, ସଦାନନ୍ଦ ବାରିକ ଗଣେଶ ବାରିକ ପ୍ରମୁଖ ସ୍ଥାନୀୟ ସଙ୍କୀର୍ତ୍ତନ ପରିଷଦର ସଦସ୍ୟଙ୍କ ସମେତ ଉକ୍ତ ଗ୍ରାମର ଶତାଧିକ ସଙ୍କୀର୍ତ୍ତନ ପ୍ରେମୀ ସଙ୍କୀର୍ତ୍ତନରେ ଅଶ୍ଳୀଳ ଓ ଦୁଇ ଅର୍ଥ ବୋଧକ ସଙ୍ଗୀତକୁ ବିରୋଧ କରିବା ପାଇଁ ସଂକଳ୍ପ ନେବା ସହିତ ଏଭଳି ସଙ୍କୀର୍ତ୍ତନ ପରିବେଷଣ କରିଥିବା ସଙ୍କୀର୍ତ୍ତନ ଦଳକୁ ନାମ ଯଜ୍ଞରେ ଯୋଗ ଦେବା ପାଇଁ ଡକା ଯିବନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି।

# 'ଘାଏ ଦେଖତ' କଳାପଟାର ବାର୍ଷିକୋତ୍ସବ



**ଗାଇସିଲେଟ, ୧୦।୧୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟରେ ଦୀର୍ଘ ୧୦ ବର୍ଷ ହେବ ରାସ୍ତାକଡ଼ରେ ସୃଷ୍ଟି କରାଯାଇଥିବା କଳାପଟା 'ଘାଏ ଦେଖତ' ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସ୍ଥାନୀୟ ଗାଇସିଲେଟ କଲେଜ ଠାରେ ବାର୍ଷିକୋତ୍ସବ ପାଳନ କରିଛି। ଘାଏ ଦେଖତ କୁଟୁମ୍ବକୁ ନେଇ କମିଟି ଗଠନ ହୋଇଥିଲା। ସଭାପତି ଭାବେ ନିରଞ୍ଜନ ପଣ୍ଡା, ଉପସଭାପତି ରଞ୍ଜନ କୁମାର ପଣ୍ଡା, ସମ୍ପାଦକ ବୈରାଗୀ ସାହୁ, ସହ ସମ୍ପାଦକ ଅଶେଷ କୁମାର ଦାଶ, କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର କଲେତ ଦୀର୍ଘ ୧୦ ହେବ ବହୁ ଝଡ଼ଝଞ୍ଜା ମଧ୍ୟରେ ଗତିକରି ଏ ଅଞ୍ଚଳରେ ଅନବରତ ଭାବେ ସମ୍ବଲପୁରୀ ଭାଷାର ପ୍ରଚାରପ୍ରସାର କରି ଚାଲିଛନ୍ତି। ବାର୍ଷିକୋତ୍ସବ ଉତ୍ସବ କାର୍ଯ୍ୟକ୍ରମରେ ସଭାପତି ଭାବେ ନିରଞ୍ଜନ ପଣ୍ଡା, ମୁଖ୍ୟଅତିଥି ଭାବେ ମନୋରଞ୍ଜନ ସାହୁ ମୁଖ୍ୟ ବକ୍ତା ଅଶୋକ କୁମାର ପୂଝାରୀ, ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ, ସମ୍ମାନିତ ଅତିଥି ମନୋଜ କୁମାର ସାହୁ, ଲମ୍ବୋଦର ତ୍ରିପାଠୀ, ଗୌରଚରଣ ପ୍ରଧାନ, ବୈରାଗୀ ସାହୁ ଯୋଗଦେଇ ମାଁ ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଅରଗଡ଼ିରୁ ଆସିଥିବା ସୁଶ୍ରୀ ଧରିତ୍ରୀ ଗୁରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସରଧାପାଲିର ଅଜିତ ବାଗ ଏବଂ ଲୁସୀ ଭୋଇ ମଧ୍ୟ ଡୁଏଟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗିର, ସମ୍ବଲପୁର, କଳାହାଣ୍ଡି, ଭବାନୀପାଟଣା, ସୁବର୍ଣ୍ଣପୁର ଜିଲ୍ଲା ସମେତ ବହୁ ଅଞ୍ଚଳରୁ କବିକବୟିତ୍ରୀ ଯୋଗଦଦେଇ ସ୍ୱରଚିତ ସମ୍ବଲପୁରୀ କବିତା ପଠନ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ, କବି, କବୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କବି ଅର୍ଜୁନ ସାହୁ। ଶେଷରେ ଅତିଥି ଗଣ 'ଘାଏ ଦେଖତ' ସ୍ମରଣିକା ଉନ୍ମୋଚନ କରିଥିଲେ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

# ସପ୍ତାହର ଗୋଟିଏ ଦିନ ମାଣ୍ଡିଆ ବ୍ୟଞ୍ଜନ ଗ୍ରହଣ ପାଇଁ ପରାମର୍ଶ






ଝାରସୁଗୁଡ଼ା, ୧୦।୧୧(ସମିସ): ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ଉପରେ ଅନୁଷ୍ଠିତ ହୋଇଛି ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ। ୧୧ ତାରିଖରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦାନ ପାଇଁ ଜିଲ୍ଲାରୁ ୧୫ ଜଣ ମାଣ୍ଡିଆ ଚାଷୀ ଆଜି ପୂର୍ବାହ୍ନରେ ବସ୍‌ରେ ଭୁବନେଶ୍ୱର ଯାତ୍ରା କରିଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଓ କୃଷି ଜିଲ୍ଲା ଅଧିକାରୀ କୋଲାବିରା ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ସୁଧାଂଶୁ ଡୋରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଣ୍ୟବତୀ ହେଲେନ ଖେସ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ସସ୍ମିତା ପଣ୍ଡା, ସମାଜସେବୀ ଦିଲ୍ଲୀପ କୁମାର ଶାକୁନିଆ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ମାଣ୍ଡିଆ ଦିବସକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୫ଟି ବ୍ଲକରୁ ୧୫ ଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୬ଟି ଷ୍ଟଲରେ ମାଣ୍ଡିଆ ଜାତୀୟ ଶସ୍ୟରେ ବିଭିନ୍ନ ବ୍ୟଞ୍ଜନର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୨ଟି ଷ୍ଟଲରେ ବିସ୍ମୃତ ଖାଦ୍ୟ, ଧାନ, ମୁଗ, ବିରି, ମାଣ୍ଡିଆ ଆଦିର ବହୁପୁରତାନ ବିଲୁପ୍ତ ପ୍ରାୟ କିସମମାନ ପ୍ରଦର୍ଶନ କରାଯାଇଥିଲା। ମାଣ୍ଡିଆ ଏବଂ ଅଣମାଣ୍ଡିଆ ର ବିଭିନ୍ନ ସ୍ନାକସ ଆଇଟମ, ଖାକ୍ରା, ରୋଜ କେକ, ବର୍ଫି, ନୁଡଲସ, ମିକ୍‌ଚର ଇତ୍ୟାଦିର ବିକ୍ରି ପାଇଁ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ସପ୍ତାହର ଗୋଟିଏ ଦିନ ମାଣ୍ଡିଆ ବ୍ୟଞ୍ଜନ ଗ୍ରହଣ କରିବା ପାଇଁ ମତ ପ୍ରକାଶ କରିଥିଲେ। ମାଣ୍ଡିଆ ଜାତୀୟ ଶସ୍ୟକୁ ବ୍ୟବସାୟିକ ଫସଲ ରୂପେ ପରିଗଣିତ କରିବା, ମାଣ୍ଡିଆର ଚାହିଦା ବୃଦ୍ଧି ପାଇଁ ମାଣ୍ଡିଆରୁ ଉତ୍ପାଦିତ ଖାଦ୍ୟ ସାମଗ୍ରୀର ଗ୍ରେଡ଼ିଂ, ପ୍ୟାକେଜିଂ ଏବଂ ବ୍ରାଣ୍ଡିଂ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୪୦୦ରୁ ଉର୍ଦ୍ଧ୍ୱ ଆଗ୍ରହୀ କୃଷକଙ୍କ ସମାଗମ ହୋଇଥିଲା। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜେନାମଣି ବିଭୂତି ଭୂଷଣ ରାୟ ମାଣ୍ଡିଆ ଦିବସ ଆୟୋଜନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ବିଲୁପ୍ତପ୍ରାୟ ଔଷଧୀୟ ଶସ୍ୟ ପୁନରୁଦ୍ଧାର ପୂର୍ବକ ଝାରସୁଗୁଡ଼ା ପରି ସ୍ୱଳ୍ପବୃଷ୍ଟିପାତ ଜିଲ୍ଲାରେ ସଫଳ ରୂପାୟନ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ। କୃଷି ଜିଲ୍ଲା ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

ଦେବଗଡ଼: ଦେବଗଡ଼ ଟାଉନ ହଲଠାରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ବିଶ୍ୱ ମାଣ୍ଡିଆ ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଏବଂ ଖାଦ୍ୟ ମେଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ମଧୁସୂଦନ ପ୍ରଧାନ, ପୁଷ୍ପାଞ୍ଜଳି ପାତ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବରିଷ୍ଠ ବୈଜ୍ଞାନିକ କୃଷିବିଜ୍ଞାନ କେନ୍ଦ୍ର ମାନସୀ ଭୋଜ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପତ୍ରିବର୍ଷ ନଭେମ୍ବର ୧୦ ତାରିଖକୁ ବିଶ୍ୱ ମାଣ୍ଡିଆ ଦିବସ ଭାବେ ପାଳନ କରାଯାଉଛି। ମାଣ୍ଡିଆ ଭଳି ଏକ ପୁଷ୍ଟିକର ଖାଦ୍ୟ ଲୋକଙ୍କ ଭିତରେ ଆହୁରି ଆଦୃତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ଏହି ସ୍ୱତନ୍ତ୍ର ଦିବସକୁ ପାଳନ କରୁଛନ୍ତି। ପରେ ଜିଲ୍ଲାସ୍ତରରେ ମାଣ୍ଡିଆ ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀ ପୂର୍ବରୁ କରାଯାଇଥିବା ପ୍ରତିଯୋଗିତା, ଉତ୍ତମ ମାଣ୍ଡିଆ କୃଷକ, ଉତ୍ତମ ମାଣ୍ଡିଆ ଏସଏଚଜି, ଉତ୍ତମ ଓ ସିଆରପିଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ତିଲେଇବଣି ବ୍ଲକ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏସଏଚଜି ମହିଳାମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଶ୍ରୀଅନ୍ନ ବ୍ୟଞ୍ଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ମାଣ୍ଡିଆରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନୀ କରାଯାଇଥିଲା। ସିଏସଡିଆର ସମ୍ପାଦିକା ରିତାରାଣୀ ରାଉତଙ୍କ ସମେତ କୃଷି ବିଭାଗର ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଯୁବକଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା, ୧୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ଥାନା ଅଧୀନ ବୁରୋମାଲର ଏକ ପୋଖରୀରେ ସନ୍ଦିଗ୍ଧ ଅବସ୍ଥାରେ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି। ଯୁବକ ଜଣକ ବୁରୋମାଲର ମହମ୍ମଦ ଆସିଫ ଖାନ ବୋଲି ପୁଲିସ ସୂଚନା ଦେଇଛି। ପରିବାର ଲୋକେ ପୁଲିସକୁ ଆସିଫଙ୍କର ମୃତ୍ୟୁ ଦୁର୍ଘଟଣା ଜନିତ ବୋଲି ଏତଲା ଦେଇଥିଲେ। ଶନିବାର ଦିନ ବିଳମ୍ବିତ ରାତିରେ ବୁରୋମାଲ ପଟୁ ବାଇକରେ ଆସୁଥିବା ସମୟରେ କାନ୍ଥରେ ପିଟି ହୋଇ ମୃତ୍ୟୁ ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡୁଥିବା ବେଳେ ଏହାକୁ ନେଇ ଅଧିକ ତଦନ୍ତ ପରେ ସତ୍ୟତା ଜଣାପଡ଼ିବ ବୋଲି ପୁଲିସ ତରଫରୁ ସୂଚନା ମିଳିଛି। ସିସିଟିଭି ଆଧାରରେ ପୁଲିସ ତଦନ୍ତ ଚଳାଇଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି।

# ମା' ହତ୍ୟାକାରୀ ପୁଅ ଗିରଫ

ଝାରସୁଗୁଡ଼ା, ୧୦।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଅଧୀନ ମହିଜୋରରେ ନିଜ ମା' ଉର୍କୁଲି ଲୁହାର (୬୦)ଙ୍କୁ ହତ୍ୟା କରିବା ଅଭିଯୋଗରେ ଅଭିଯୁକ୍ତ ପୁଅ ବନମାଳି ଲୁହାର (୨୮)କୁ କୋର୍ଟ ଚାଲାଣ କରିଛି ପୁଲିସ। ବେଲ୍ ନାମଞ୍ଜୁର ହେବା ପରେ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶନିବାର ଭୋର ସମୟରେ ଉର୍କୁଲି ଶୋଇଥିବାବେଳେ ପୁଅ ବନମାଳି ହଠାତ ଏକ ଲୁହା ପଟ୍ଟାରେ ତାଙ୍କ ମୁଣ୍ଡରେ ଆକ୍ରମଣ କରିଥିଲା। ଉର୍କୁଲିଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠିଯିବାସହ ପାଖ ପଡ଼ୋଶୀଙ୍କୁ ଏନେଇ ଖବର ଦେଇଥିଲେ। ପଡ଼ୋଶୀ ଓ ପରିବାରଲୋକ ମିଶି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବେଲପାହାଡ଼ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ବନମାଳିକୁ ଗିରଫ କରି ହତ୍ୟାରେ ବ୍ୟବହୃତ ଲୁହା ପଟ୍ଟାକୁ ଜବତ କରିଥିଲା।

# ୧୧ରୁ ଆନ୍ତଃ କ୍ଲବ୍ କ୍ରିକେଟ୍ ପ୍ରତିଯୋଗିତା

ଦେବଗଡ଼, ୧୦।୧୧(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନର ନିଷ୍ପତ୍ତି କ୍ରମେ ଦେବଗଡ଼ ଜିଲ୍ଲା କ୍ରିକେଟ ସଙ୍ଘ ପକ୍ଷରୁ ଆନ୍ତଃ ଜିଲ୍ଲା କ୍ଲବ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆସନ୍ତା ୧୧ ତାରିଖରୁ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଶୁଭାରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କ୍ରିକେଟ ସଂଘ ପକ୍ଷରୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଜିଲ୍ଲାର ଚାରୋଟି ଦଳ ଭାଗ ନେଉଛନ୍ତି। ବମଣ୍ଡା କ୍ରିକେଟ କ୍ଲବ, ଦେବଗଡ଼ କ୍ରିକେଟ କ୍ଲବ, ରାଇଜିଙ୍ଗ ଷ୍ଟାର ଦେବଗଡ଼ ଏବଂ ଫ୍ରେଣ୍ଡସ କ୍ଲବ ବୁଢ଼ାପାଳ ଅଂଶଗ୍ରହଣ କରୁଛନ୍ତି। ଏନେଇ ପ୍ରସ୍ତୁତି ଚୂଡାନ୍ତ ହେବା ସହ ଖେଳାଳିମାନେ ରେଜିଷ୍ଟ୍ରେସନ କରିଥିବା ନେଇ ଜିଲ୍ଲା କ୍ରିକେଟ ସଙ୍ଘ ସମ୍ପାଦକ ସୁଜିତ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଦଳ ଓସିଏ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା କଳାହାଣ୍ଡି କପ କ୍ରିକେଟ ପ୍ରତିଯୋଗିତାରେ ଦେବଗଡ଼ ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବ ବୋଲି ଜିଲ୍ଲା କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ଠକେଇ ଅଭିଯୋଗରେ ଯୁବକ ଗିରଫ



**ବ୍ରଜରାଜନଗର, ୧୦।୧୧(ସମିସ):** ଚାକିରି ପ୍ରଲୋଭନ ଦେଖାଇ ଯୁବକଙ୍କୁ ଠକେଇ କରି ଟଙ୍କା ନେବା ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଗିରଫ କରି ଓରିଏଣ୍ଟ ଥାନା ପୁଲିସ କୋର୍ଟ ଚାଲାଣ କରିଛି। ଓରିଏଣ୍ଟ ଥାନା ମଣ୍ଡଳିଆର ଅଭିନନ୍ଦନ ସୋନି ଓ ସଞ୍ଜୟ ମୁଣ୍ଡା ଉଭୟ ସାଙ୍ଗ ହୋଇଥିବାବେଳେ ଅଭିନନ୍ଦନ ସୋନି ଏମ୍‌ସିଏଲ ସମଲେଶ୍ୱରୀ ଏରିଆର ଜୟ ଅମ୍ବେ କମ୍ପାନୀରେ କାର୍ଯ୍ୟ କରୁଥିଲେ। ନିଜେ କାର୍ଯ୍ୟ କରୁଥିବା କମ୍ପାନୀରେ କାମ କରେଇଦେବା ନେଇ ଅଭିଯୁକ୍ତ ଅଭିନନ୍ଦନ ସୋନୀ(୨୯) ଙ୍କୁ କହିଥିଲେ ଏବଂ ଏଥିପାଇଁ ସେ ଅଭିଯୋଗକାରୀ ସାଙ୍ଗ ସଞ୍ଜୟ ମୁଣ୍ଡାଙ୍କୁ ଟଙ୍କା ଡ଼ିମାଣ୍ଡ କରିଥିଲେ। ସାଙ୍ଗଙ୍କ କଥାରେ ବିଶ୍ୱାସ କରି ୨୦ହଜାର ଟଙ୍କା ଏବଂ ୪୦ହଜାର ଟଙ୍କା ଥିବା ଜନ ଫାଇନାନ୍ସ ବ୍ୟାଙ୍କ ର ଏକ ଏଟିଏମ କାର୍ଡ ଦେଇଥିଲେ। ଏହି ପରିଭାବରେ ବିଭିନ୍ନ କିସ୍ତିରେ ଅଭିଯୋଗକାରୀଙ୍କ ନିକଟରୁ ୧ଲକ୍ଷ ୩୬ହଜାର ଟଙ୍କା ଓ ମଧୁବନନଗରର ତାଙ୍କ ସମ୍ପର୍କୀୟ ଦୀପକ ସିଂଙ୍କ ନିକଟରୁ ଏକ ମୋବାଇଲ ଫୋନ ନେଇଥିଲେ। ଟଙ୍କା, ମୋବାଇଲ ଫୋନ, ଏଟିଏମ କାର୍ଡ ନେବା ପରେ ଉଭୟଙ୍କୁ ଆଉ ଧରାଛୁଆଁ ଦେଇ ନ ଥିଲେ। ଯେତେବେଳେ ସଞ୍ଜୟ ମୁଣ୍ଡା ଓ ଦୀପକ ସିଂ ଚାକିରି ପାଇଁ କହିବା ସହିତ ଟଙ୍କା ଫେରାଇବା ପାଇଁ ବାରମ୍ବାର କହିବା ପରେ ଗତ ଅଗଷ୍ଟ ୨୯ ତାରିଖରେ ମଣ୍ଡଳିଆ କଲ୍ୟାଣ ମଣ୍ଡପ ନିକଟକୁ ଡାକିଥିଲେ। ସେଠାରେ ଉଭୟେ ପହଁଞ୍ଚିବା ପରେ ଅଭିଯୁକ୍ତ ଗାଳିଗୁଲଜ କରିବା ସହିତ ସଞ୍ଜୟ ମୁଣ୍ଡାଙ୍କ ମୁଣ୍ଡରେ ଏକ ଚେନ ସ୍ପକେଟରେ ଆଘାତ କରିଥିଲେ ଏବଂ ଏଥିରେ ତାଙ୍କର ମୁଣ୍ଡ ଫାଟି ଯାଇଥିଲା। ଏହାକୁ ନେଇ ଓରିଏଣ୍ଟ ଥାନରେ ମାମଲା ରୁଜୁହେବା ପରେ ତଦନ୍ତ କରାଯାଇ ଶନିବାର ଦିନ ଅଭିଯୁକ୍ତ ଅଭିନନ୍ଦନ ସୋନୀଙ୍କୁ ଗିରଫ କରାଯାଇ ରବିବାର କୋର୍ଟ ଚାଲାଣ କରାଯାଇଛି। ଏହା ସହିତ ଅଭିଯୁକ୍ତଙ୍କ ନିକଟରୁ ମାମଲାରେ ବ୍ୟବହୃତ ଏକ ମୋଟର ସାଇକେଲ ଚେନ୍ ସ୍ପକେଟ, ଏକ ମୋବାଇଲ ଫୋନ, ୨ଟି ଏଟିଏମ୍ କାର୍ଡ ଗୋଟିଏ ଜନ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଓ ଗୋଟିଏ ଏକସିସ୍ ବ୍ୟାଙ୍କ, ଏକ ବାଇକ୍ ଜବତ କରାଯାଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି।

# ଜିଲ୍ଲାସ୍ତରୀୟ କବାଡ଼ି ଚୟନ ଶିବିର



**ଦେବଗଡ଼, ୧୦।୧୧(ସମିସ):** ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ରବିବାର ଜିଲ୍ଲାସ୍ତରୀୟ କବାଡ଼ି ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କ୍ରୀଡ଼ା ସଂସଦର କବାଡ଼ି ସମ୍ପାଦକ ସୁବାସ ଚନ୍ଦ୍ର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚୟନ ଶିବିରରେ ଜିଲ୍ଲାର ତିନୋଟି ବ୍ଲକ ଓ ସଦର ମହକୁମାରୁ ୩୭ ଜଣ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଶିବିରରୁ ଯେଉଁମାନଙ୍କୁ ଚୟନ କରାଯାଇ ଦେବଗଦ ଜିଲ୍ଲା ଦଳ ଗଠନ କରାଯିବ ସେମାନେ ଚଳିତମାସ ଗଞ୍ଜାମ ଜିଲ୍ଲା ଆସିକାଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ ତମ ରାଜ୍ୟସ୍ତରୀୟ ସିନିୟର୍ କବାଡି ଚମ୍ପିୟାନସିପ୍‌ରେ ଦେବଗଡ଼ ଜିଲ୍ଲାର ପ୍ରତିନିଧିତ୍ୱ କରିବେ। ଏହି ଚୟନ ଶିବିରରେ ଚୟନ କର୍ତ୍ତା ଭାବରେ ବାତ୍ସଲ୍ୟ କୁମାର ବିଶ୍ୱାଳ, କବାଡ଼ି ରେଫରୀ ମନୋଜ କୁମାର ଆଚାର୍ଯ୍ୟ କବାଡିରେ ତଥା ବରିଷ୍ଠ କବାଡି ଖେଳାଳି କିଶୋର ରାଏ, ସୌରଭ କୁମାର ନାଏକ, ବାସନ୍ତୀ ମିସ୍ତ୍ରୀ ଯୋଗ ଦେଇ ଖେଳାଳି ଚୟନ କରିଥିଲେ। ଇଂ ସୁଜିତ କୁମାର ପ୍ରଧାନ, ଡିଲେଶ୍ୱର ପ୍ରଧାନ, ଆଲୋକ ଆମାନ୍ତ, ପ୍ରଦୀପ କୁମାର ଛତ୍ରିଆ, ଇଂ ଭୁବନେଶ୍ୱର ପ୍ରଧାନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ଡିସେମ୍ବର ୨୪ରୁ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ୍ କପ୍



ପାଇକମାଲ, ୧୦।୧୧(ସମିସ): ପାଇକମାଲ ବ୍ଲକ ଛିନ୍ଦେଇକେଲା ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅନେକ ପ୍ରସ୍ତାବକୁ ନେଇ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ କ୍ଲବର ସଦସ୍ୟ ସୁନୀଲ କୁମାର ସାହୁଙ୍କ ବାପା ସ୍ୱର୍ଗତ ସାଧୁଚରଣ ସାହୁଙ୍କ ନାମରେ ନାମିତ କରାଯିବା ପାଇଁ ସ୍ଥିର ହୋଇଛି। ଆସନ୍ତା ଡିସେମ୍ବର ୨୪ରୁ ସବୁ ବର୍ଷ ଭଳି ଏ ବର୍ଷ ମଧ୍ୟ ୮ଟି ଟିମଙ୍କୁ ନେଇ ଟି୨୦ ଫର୍ମାଟରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବା ପାଇଁ ସ୍ଥିରୀକୃତ ହୋଇଛି। ରାଜ୍ୟର ଭିତରୁ ୫ଟି ଟିମ ଓ ଅନ୍ୟରାଜ୍ୟରୁ ୩ଟି ଟିମ ଟୁର୍ଣ୍ଣାମେଣ୍ଟରେ ଭାଗ ନେବା ପାଇଁ ସ୍ଥିର ହୋଇଛି। ସଭାରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବର ବରିଷ୍ଠ ସଦସ୍ୟ ଓ ସମସ୍ତ ଯୁବ ସଦସ୍ୟ ଉପସ୍ଥିତ ଥିଲେ। ସଭା ଶେଷରେ ଉପଦେଷ୍ଟା ହେମସାଗର ସାହୁ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମରୁଡ଼ି କ୍ଷତିପୂରଣ ପାଇଁ ରାଜସ୍ୱମନ୍ତ୍ରୀଙ୍କୁ ଦାବିପତ୍ର



ଝାରସୁଗୁଡା, ୧୦।୧୧(ସମିସ): ନିଅଣ୍ଟିଆ ବର୍ଷା ଯୋଗୁଁ ମରୁଡ଼ି ହୋଇଥିବା ଫସଲର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ସାଗରପାଲି ଗ୍ରାମର ଚାଷୀ। ଗୋବିନ୍ଦପୁର ଠାରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ପକ୍ଷରୁ କୁହାଯାଇଛି ଯେ ବର୍ଷା ଅଭାବ ଯୋଗୁଁ ଚଳିତ ବର୍ଷ ଝାରସୁଗୁଡ଼ା ଜିଲ୍ଲା ମରୁଡ଼ିର ସମ୍ମୁଖୀନ ହୋଇଛି। ବିଶେଷକରି ଲଖନପୁର ବ୍ଲକ ଅଞ୍ଚଳରେ ସ୍ୱାଭାବିକ ଠାରୁ ବହୁ କମ୍ ବର୍ଷା ହେବାରୁ ମାଲ ଏବଂ ବେର୍ଣ୍ଣା ଜମିରେ ହୋଇଥିବା ଚାଷ ସମ୍ପୂର୍ଣ ଭାବରେ ଉଜୁଡି ଯାଇଛି। ସମ୍ପୂର୍ଣ ଫସଲ ନଷ୍ଟ ହୋଇଯିବାସହ ଚାଷୀ ସ୍ୱର୍ବସାନ୍ତ ହୋଇପଡ଼ିଛି। ତେଣୁ ଏହି କ୍ଷୟକ୍ଷତିକୁ ଆକଳନ କରି ଏହାର କ୍ଷତିପୂରଣ ଚାଷୀମାନଙ୍କୁ ପ୍ରଦାନ କରାଯାଉ। ବାହାଲ ଜମିରେ କରାଯାଇଥିବା ଚାଷ ମଧ୍ୟ ଧାନରେ କ୍ଷୀର ଭରିବା ସମୟରେ ବର୍ଷା ନ ହେବାରୁ ଉତ୍ପାଦନ ଠିକ୍ ଭାବରେ ହୋଇନାହିଁ। ତେଣୁ ଚଳିତବର୍ଷ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

## ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୧୦।୧୧(ସମିସ):** ଦେବଗଡ଼ ପୌରାଞ୍ଚଳରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ୧୬ ଟି ଅଭିଯୋଗ ଶୁଣିବା ସହିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ରାସ୍ତା, ଡ୍ରେନ, ସ୍ୱାସ୍ଥ୍ୟ ସମେତ ବିଭିନ୍ନ ସରକାରୀ ଯୋଜନାରୁ ବାଦ ପଡ଼ିଥିବା ଉପଯୁକ୍ତ ହିତାଧିକାରୀ ଉକ୍ତ ଯୋଜନାରେ ସାମିଲ ପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଅଭିଯୋଗ କରିଥିଲେ।

# ଝାରସୁଗୁଡ଼ା ଗସ୍ତରେ ଇପିକଲ୍ ପରିଚାଳନା ନିର୍ଦ୍ଦେଶକ

**ଝାରସୁଗୁଡ଼ା, ୧୦।୧୧(ସମିସ):**

ଫଟୋ ଇଲେକ୍ଟ୍ରାଲ ରୋଲ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପାଇଁ ନିଯୁକ୍ତ ଇଲେକ୍ଟ୍ରାଲ ରୋଲ ଅବଜର୍ଭର ତଥା ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆ ଆଜି ଦିନିକିଆ ଝାରସୁଗୁଡ଼ା ଗସ୍ତ କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍ ପରିଦର୍ଶନ କରିବା ସହ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ବୁଥ୍ ପରିଦର୍ଶନ ଅବସରରେ ଶ୍ରୀ ପୁନିଆ ବିଏଲ୍‌ଓ ଏବଂ ସୁପରଭାଇଜରମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହି ଅବସରରେ ସେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ବାବଦକୁ ଚାଲିଥିବା କାର୍ଯ୍ୟକ୍ରମର ଗୁଣବତ୍ତା ଅନୁଧ୍ୟାନ କରିବା ସହ ବି ଏଲ୍‌ଓମାନଙ୍କ ନିକଟରୁ କାର୍ଯ୍ୟକ୍ରମ ସମ୍ପର୍କରେ ଓ ସେମାନେ କାର୍ଯ୍ୟ କ୍ଷେତ୍ରରେ କିଛି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ। ସ୍ଥାନୀୟ ସର୍କିଟ ହାଉସଠାରେ ପର୍ଯ୍ୟବେକ୍ଷକ ଶ୍ରୀ ପୁନିଆ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ବୁଥମାନଙ୍କରେ ଚାଲୁଥିବା ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ସଂଶୋଧନ ସମ୍ପର୍କିତ ଉପୁଜିଥିବା ଅସୁବିଧାର ସମାଧାନ ପାଇଁ ବି ଏଲ୍ ଓମାନଙ୍କ ସହିତ ଯୋଗାଯୋଗ ପାଇଁ ପରାମର୍ଶ ଦେଇଥଲେ। ସେହିପରି ରାଜନୈତିକ ଦଳମାନଙ୍କୁ ଚିଠା ଭୋଟର ତାଲିକାର ନକଲ ପ୍ରଦାନ କରାଯାଇଛି କି ନାହିଁ ପଚାରି ବୁଝିଥିଲେ। ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନେ ତାଲିକାର ନକଲ ପାଇଥିବା ଏବଂ ବୁଥ୍ ସ୍ତରରେ ଏଜେଣ୍ଟମାନେ ବିଏଲ୍‌ଓ ମାନଙ୍କ ସହ ଆଲୋଚନା କ୍ରମେ ଉପୁଜୁଥିବା ଅସୁବିଧା ଦୂର କରାଯାଉଥିବା ବିଷୟରେ ସୂଚନା ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ୦୬-ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଇଆରଓ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଏବଂ ୦୭-ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଇଆରଓ ତଥା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଡେପୁଟି କଲେକ୍ଟର(ନିର୍ବାଚନ) ଲୋପାମୁଦ୍ରା ସାମଲ, ସହକାରୀ ଉପଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତି, ଏସ୍ ଓ ହରିହର ମାଝୀଙ୍କ ସମେତ ଭାରତୀୟ ଜନତା ପାର୍ଟି ପକ୍ଷରୁ ରଘୁରାମ ପାଲ, ବିଜୁ ଜନତା ଦଳ ପକ୍ଷରୁ ଦଳ ଜିଲ୍ଲା ସଭାପତି ରବି ସିଂ ଓ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ମନୀଷ ବାଜପେୟୀ ଉପସ୍ଥିତ ଥିଲେ।

## ପରିବେଶ ସଚେତନଧର୍ମୀ ନାଟକ ପରିବେଷିତ

**ଝାରସୁଗୁଡ଼ା, ୧୦।୧୧(ସମିସ):** ଅନ୍ଧାରୀ ଯାତ୍ରା ପରିସରରେ ମିରର ଥିଏଟର, ବେଲପାହାଡ଼ ତରଫରୁ ପରିବେଶ ସଚେତନଧର୍ମି ନାଟକ ଗାଁ ପରିବେଷିତ ହୋଇଛି। ଡ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ରଚନା ଓ ନିର୍ଦ୍ଦେଶନାରେ ପ୍ରଦର୍ଶିତ ନାଟକର ବିଭିନ୍ନ ଭୂମିକାରେ ସୁଶାନ୍ତ ମହାରଣା, ପରମେଶ୍ୱର ମରେଇ, ସୋନିଆ ବେହେରା, ବିନୟ ପ୍ରଧାନ, ଲବ ପ୍ରଧାନ, ଅନୀଲ ରଣା, ଅର୍ଜୁନ ବଞ୍ଚୋର ଓ ପରିବେଶବିତ୍ ବିରାଟ ରାଜା ପଧାନ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

